visit us at
www.paryabekhyak.com

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.117 Bhubaneswar Sunday, June 20, 2021 ୨୪ତମ ବର୍ଷ ସଂଖ୍ୟା-୧୧୭ ଭୁବନେଶ୍ୱର, ରବିବାର, ଜୁନ୍ ୨୦, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS





ନୂଆଦିଲ୍ଲୀଠାରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଅର୍ଜ୍ଜନ ମୁଣ୍ଡା ଭିଡ଼ିଓ କନଫରେନ୍ସିଂ ଜରିଆରେ ବିଶ୍ୱ ଅସୁସ୍ଥ ସେଲ ଦିବସ ଅବସରରେ ୨ୟ ଜାତୀୟ ଅସୁସ୍ଥ ସେଲ କନକ୍ଲେଭକୁ ସମ୍ବୋଧିତ କରିଛନ୍ତି

## ୩ଟି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ବିଜେପି ବିଧାୟକଙ୍କ ଚିଠି

ଭୁବନେଶ୍ୱର,୧୯।୬(ପି.ଏନ) : ଓଡ଼ିଶାରେ କରୋନା ସଂକ୍ରମିତ ମୃତ ବ୍ୟକ୍ତିଙ୍କ ପରିସଂଖ୍ୟାନର ବିଭ୍ରାନ୍ତିକର ଓ ଭୁଲ ତଥ୍ୟ ଯୋଗୁଁ ବାପା-ମାଆ ହରାଇଥିବା ଯୋଗ୍ୟ ଅନାଥ ଶିଶୁମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । କୋଭିଡ୍ ସଂକ୍ରମିତ ମୃତାହତଙ୍କ ସଠିକ୍ ତଥ୍ୟକୁ ଆଧାର କରି ସରକାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ । ଏଥି ସହ କରୋନା ମୃତକଙ୍କ ପରିବାରକୁ ସହାୟତା ପ୍ରଦାନ ଏବଂ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସରକାର ତୁରନ୍ତ ଲାଗୁ କରିବାକୁ ଦାବି କରି ବିଜେପି ବିଧାୟକମାନେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି । ବିରୋଧୀ ଦଳ ମୁଖ୍ୟ ସଚେତକମୋହନ ମାଝୀ ଏସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ରାଜ୍ୟ ସରକାର ଯେଉଁ ପରିସଂଖ୍ୟାନ ପ୍ରତିଦିନ ଦେଉଛନ୍ତି, ତାହା ଗଣମାଧ୍ୟମ ମାନଙ୍କରେ ପ୍ରକାଶିତ ତଥ୍ୟ ଅନୁଯାୟୀ ମଶାଣିମାନଙ୍କରେ କୋଭିଡ ଗାଇଡ୍‌ଲାଇନ୍ ମାନି କରାଯାଉଥିବା ଶବଦାହ ସଂଖ୍ୟା ସହ ସରକାରଙ୍କ ତଥ୍ୟ ଭୁଲ ଓ ବିଭ୍ରାନ୍ତିକର ପ୍ରମାଣିତ ହେଉଛି । ଯଦି କରୋନା ଜନିତ ମୃତ୍ୟୁକୁ ସରକାର ଲୁଚାଇବାକୁ ଯାଇ ସତ ତଥ୍ୟ ଉପରେ ଆଧାରିତ ପରିସଂଖ୍ୟାନ ଦେବେ ନାହିଁ ତେବେ ଏହା ଏକ ଧର୍ତବ୍ୟ ଏବଂ ଜଘନ୍ୟ ଅପରାଧ ହେବ । ଶବଦାହ କରାଯାଉଥିବା ପରିସଂଖ୍ୟାନକୁ ଭିତିକରି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟାର ତଥ୍ୟକୁ ସଂଶୋଧନ କରାଯାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାର ସୁବିଧା ସୁଯୋଗରୁ ବଂଚିତ ପିତୃ-ମାତୃ ହୀନ ଯୋଗ୍ୟ ଅନାଥ ଶିଶୁମାନଙ୍କ ତାଲିକା ଓଡ଼ିଶାର ଜନସାଧାରଣଙ୍କ ଅବଗତି ନିମନ୍ତେ ଏକ ଶ୍ୱେତପତ୍ର ମାଧ୍ୟମରେ ପ୍ରକାଶ କରିବାକୁ ବିଜେପି ବିଧାୟକମାନେ ଦୃଢ଼ ଦାବୀ କରିଛନ୍ତି ।କରୋନା ସଂକ୍ରମିତ ମୃତ ବ୍ୟକ୍ତିଙ୍କୁ ସମ୍ମାନ ଜଣାଇ ଅନ୍ୟ ରାଜ୍ୟ ଯଥା - ଆସାମ, ରାଜସ୍ଥାନ ଓ ବିହାର ରାଜ୍ୟ ପରି ମୃତ ବ୍ୟକ୍ତିର ପରିବାରକୁ ଡିଜାଷ୍ଟର ମ୍ୟାନେଜମେଂଟ ଆକ୍ଟ ୨୦୦୫ ଅନୁଯାୟୀ ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବାକୁ ସରକାରଙ୍କ ଠାରେ ବିଜେପି ବିଧାୟକମାନେ ଦାବୀ କରିଛନ୍ତି । ଓଡ଼ିଶା ସରକାର ରାଜନୈତିକ ଦୂରଭିସନ୍ଧି ରଖି ଓଡ଼ିଶାରେ କେନ୍ଦ୍ର ସହାୟତାରେ ପ୍ରଚଳିତ କେନ୍ଦ୍ର ପ୍ରାୟୋଜିତ ଆୟୁଷ୍ମାନ ଭାରତ ଯୋଜନାକୁ କାର୍ଯ୍ୟକାରୀ ନ କରିବା ଫଳରେ ରାଜ୍ୟ ତଥା ରାଜ୍ୟ ବାହାରେ ରହୁଥିବା ଓଡ଼ିଶାବାସୀ ଉତମସେବା ପାଇବାରୁ ବଂଚିତ ହେଉଛନ୍ତି । ବର୍ତମାନ କୋଭିଡ-୧୯ ଓ ପୋଷ୍ଟ କୋଭିଡ-୧୯ ସମୟରେ ରାଜ୍ୟ ବାସୀଙ୍କୁ ଉତମ ଚିକିତ୍ସା ଓ ସ୍ୱାସ୍ଥ୍ୟ ଭିତିଭୂମି ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ମଧ୍ୟ କେନ୍ଦ୍ରୀୟ ପ୍ରାୟୋଜିତ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ପଦକ୍ଷେପ ନେବା ପାଇଁ ରାଜ୍ୟ ବାସୀଙ୍କ ତରଫରୁ ବିଜେପି ବିଧାୟକଦଳ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି ।ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝୀଙ୍କ ସମେତ ବିଧାୟକ ନାଉରୀ ନାଏକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସୁବାଷ ପାଣିଗ୍ରାହୀ, ଶଙ୍କର ଓରାମ, ଡ.ମୁକେଶ ମହାଲିଙ୍ଗ, ଭବାନୀ ଭୋଇ, ଡ.ବୁଧନ ମୁର୍ମୁ, ନବଚରଣ ମାଝୀ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଦାବୀ ଜଣାଇଛନ୍ତି ।

## ଜୁଲାଇ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ପୁରୀକୁ ଗଡିବନି ଟ୍ରେନ୍

ଭୁବନେଶ୍ୱର,୧୯।୬(ପି.ଏନ) : କୋଭିଡ୍୧୯ ସଂକ୍ରମଣର ଶୃଙ୍ଖଳା ଭାଙ୍ଗିବା ଦୃଷ୍ଟିରୁ ଜୁଲାଇ ମାସରେ ରଥ ଯାତ୍ରା ସମୟରେ ପୁରୀ ଆଡକୁ ଟ୍ରେନ୍ ସେବା ଉପରେ ପ୍ରତିବନ୍ଧ ଲଗାଇବାକୁ ନିଷ୍ପତି ନିଆଯାଇଛି । ୨୬ ଟି ଦୂର ଦୂରଗାମୀ ଟ୍ରେନ୍ ଖୋର୍ଦ୍ଧା ରୋଡ୍ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ଖୋର୍ଦ୍ଧା ରୋଡରୁ ଯାତ୍ରା ପ୍ରାରମ୍ଭ କରିବ । ଉଭୟ ଦିଗରୁ ଖୋର୍ଦ୍ଧା ରୋଡ୍ ଏବଂ ପୁରୀ ମଧ୍ୟରେ ଚଳାଚଳ ବାତିଲ ରହିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ଦିଆଯାଇଛି । ୨୧ ଟି ଦୂରଗାମୀ ବିଶେଷ ଟ୍ରେନ ଜୁଲାଇ ମାସ ତୃତୀୟ ସପ୍ତାହ ପର୍ଯ୍ୟନ୍ତ ପୁରୀ ପରିବର୍ତେ ଖୋର୍ଦ୍ଧା ରୋଡ଼ ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ସେଠାରୁ ଯାତ୍ରା ପ୍ରାରମ୍ଭ କରିବ । ସେହିପରି ୦୫ ଟି ସାପ୍ତାହିକ ବିଶେଷ ଟ୍ରେନ ନିର୍ଦ୍ଦିଷ୍ଟ ଦିନମାନଙ୍କରେ ପୁରୀ ପରିବର୍ତେ ଖୋର୍ଦ୍ଧା ରୋଡ଼ ଷ୍ଟେସନ ପର୍ଯ୍ୟନ୍ତ ଚଳାଚଳ କରିବ ଏବଂ ସେଠାରୁ ଯାତ୍ରା ପ୍ରାରମ୍ଭ କରିବ । ଦୈନନ୍ଦିନ ଚଳାଚଳ କରୁଥିବା ପାଂଚଟି ଏବଂ ଦ୍ୱି-ସାପ୍ତାହିକ, ତ୍ରି-ସାପ୍ତାହିକ ଓ ସପ୍ତାହରେ ଚାରି ଦିନ ଚଳାଚଳ କରୁଥିବା ବିଶେଷ ଟ୍ରେନ ଏଥିରେ ଅନ୍ତର୍ଭୁକ୍ତ ରହିଛି ।

## ଗୋଟିଏ ଦିନରେ ୩୪୨୭ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୯।୬(ପି.ଏନ) : ରାଜ୍ୟରେ ଗୋଟିଏ ଦିନରେ ୩୪୨୭ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୮୭୩୯୨୫ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୨୯୮୫୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୪୦୪୭୧ ରହିଛି । ଆଜି ଚିହ୍ନଟ ହୋଇଥିବା ୩୪୨୭ ଜଣଙ୍କ ମଧ୍ୟରୁ ୧୯୫୪ଜଣ ସଂଗରୋଧରୁ ହୋଇଥିବା ବେଳେ ୧୪୭୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୫୫୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୬୧ ଜଣ, ବରଗଡ଼ରୁ ୫୨ ଜଣ, ଭଦ୍ରକରୁ ୧୩୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୪୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୩୭, କଟକରୁ ୩୯୬ ଜଣ, ଦେବଗଡ ଜିଲ୍ଲାରୁ ୨୨ ଜଣ, ଢେଙ୍କାନାଳ ଜିଲ୍ଲାରୁ ୭୮ ଜଣ, ଗଜପତି ଜିଲ୍ଲାରୁ ୨୭ , ଗଞ୍ଜାମରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୮ ଜଣ, ଯାଜପୁରରୁ ୨୮୫ ଜଣ, ଝାରସୁଗୁଡ଼ାରୁ ୧୦ ଜଣ, କଳାହାଣ୍ଡିରୁ ୩୫ ଜଣ, କନ୍ଧମାଳ ଜିଲ୍ଲାରୁ ୪୧ ଜଣ. କେନ୍ଦ୍ରାପଡ଼ାରୁ ୧୧୧ ଜଣ, କେନ୍ଦୁଝରରୁ ୪୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୫୫୩ ଜଣ, କୋରାପୁଟରୁ ୭୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୩୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୬୨ ଜଣ, ନବରଙ୍ଗପୁରରୁ ୬୦ ଜଣ, ନୟାଗଡ଼ରୁ ୧୪୨ ଜଣ, ନୂଆପଡ଼ାରୁ ୨୦ ଜଣ, ପୁରୀରୁ ୨୧୭ ଜଣ, ରାୟଗଡ଼ାରୁ ୯୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୩୨ ଜଣ, ସୋନପୁରରୁ ୩୬ ଜଣ, ସୁନ୍ଦରଗଡ଼ରୁ ୭୮ ଜଣ ଓ ଷ୍ଟେଟ୍ ପୁଲରୁ ୮୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଅରୁଣାଚଳ ପ୍ରଦେଶ ବିଦେଶୀ ମଦ ରାଉରକେଲା ନିକଟରୁ ଜବତ : ୪ ଗିରଫ

ରାଉରକେଲା, ୧୯।୬(ପି.ଏନ) : ଅରୁଣାଚଳ ପ୍ରଦେଶରୁ ବିଦେଶୀ ମଦ ରାଉରକେଲାକୁ ଚାଲାଣ ହେଉଛି ଓ ସେଗୁଡିକୁ ଗଚ୍ଛିତ ରଖାଯାଇ ଜିଲ୍ଲା ବ୍ୟାପି କାରବାର କରାଯାଇ ସରକାରଙ୍କର କୋଟି କୋଟି ଟଙ୍କାର ଟିକସ ଫାଙ୍କି କରାଯାଉଥିବା ଜଣାପଡିଛି । କୌଣସି ସୂତ୍ରରୁ ଖବର ପାଇ ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ଗତକାଲି ରାତିରେ ତାମଡା ଅଂଚଳରେ ଚଢ଼ଉ କରାଯାଇଥିଲା । ସେଠାରେ ଗୋଟିଏ ଘରେ ୧୯୦ଟି ପେଟିରେ ଥିବା ପାଖାପାଖି ୨୦ ଲକ୍ଷ ଟଙ୍କାର ବିଭିନ୍ନ କିସମର ବିଦେଶୀ ମଦକୁ ଅବକାରୀ ବିଭାଗ ଜବତ କରିଥିଲା । ସେଠାରୁ ଏକ କାର୍ ମଧ୍ୟ ଜବତ କରିଥିଲା ।

## ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ବିୟୋଗରେ ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀଙ୍କ ଶୋକ



ଭୁବନେଶ୍ୱର,୧୯।୬(ପି.ଏନ): ରାଜ୍ୟ ଭିଜିଲାନ୍ସ ନିର୍ଦ୍ଦେଶକ ବିଶିଷ୍ଟ କବି, ସାହିତ୍ୟିକ ଡକ୍ଟର ଦେବାଶିଷ ପାଣିଗ୍ରାହୀଙ୍କ କରୋନା ଜନିତ ଅକାଳ ବିୟୋଗରେ ଭୁବନେଶ୍ୱରର ପୂର୍ବତନ ସାଂସଦ ଡକ୍ଟର ପ୍ରସନ୍ନ ପାଟଶାଣୀ ଗଭୀର ଶୋକ ବ୍ୟକ୍ତ କରିବା ସହ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି । ଡକ୍ଟର ପାଣିଗ୍ରାହୀ ଜଣେ ଉଚ୍ଚକୋଟିର ସ୍ନେହୀ ଓ ମେଳାପି ବ୍ୟକ୍ତି ଥିଲେ । ରାଜ୍ୟ ପୋଲିସ ପ୍ରଶାସନର ସର୍ବୋଚ୍ଚ ଅଧିକାରୀ ଭାବେ କରୋନା ଜନିତ ମୃତ୍ୟୁର ଏହା ପ୍ରଥମ ଘଟଣା । ତାଙ୍କ ବିୟୋଗରେ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମୁଖ୍ୟଶାସନ ସଚିବ , ପୋଲିସ ମହାନିର୍ଦ୍ଦେଶ ତଥା ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଛନ୍ତି ।

## ଟିକା ନେବା ପରେ ବି କରୋନା ଗାଇଡ୍ ଲାଇନ୍ ପାଳନ୍ତୁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୧୯।୬(ପି.ଏନ) : ଡବଲ ଡୋଜ୍ ଟିକା ନେବା ପରେ ମଧ୍ୟ କରୋନା ହୋଇପାରେ । ଆଜି ଯାଏ କୌଣସି କୋଭିଡ୍ ଭ୍ୟାକ୍ସିନ ଶତ ପ୍ରତିଶତ କାମ କରିଥିବାର ତଥ୍ୟ ମିଳିପାରିନି । ବିଭିନ୍ନ ଭ୍ୟାକ୍ସିନ ୭୦ରୁ ୯୦ପ୍ରତିଶତ ଭିତରେ କାର୍ଯ୍ୟ କରୁଛି । ଭ୍ୟାକ୍ସିନ ନେବା ଦ୍ୱାରା ଆମ ଦେହରେ କୋଭିଡ୍ ରୋଗ ପ୍ରତିରୋଧକ ଶକ୍ତି ସୃଷ୍ଟି ହେଉଛି । କିନ୍ତୁ ଆମ ପରିବେଶରେ ଯେହେତୁ ସଂକ୍ରମଣ ରହିଛି, ତେଣୁ ସଂକ୍ରମଣ ହେବ । ମାତ୍ର ଭ୍ୟାକ୍ସିନର ଡବଲ ଡୋଜ ନେବା ପରେ ଗୁରୁତର ହେବା ଆଶଙ୍କା କମି ଯାଉଛି । ତେଣୁ ଟିକା ନେବା ପରେ ବି ସମସ୍ତେ କରୋନା ଗାଇଡଲାଇନକୁ ଠିକ୍ ଭାବେ ପାଳନ କରନ୍ତୁ ବୋଲି ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ କହିଛନ୍ତି, ଆମ ରାଜ୍ୟ ଏବେ ଭଲ ସ୍ଥିତିରେ ଅଛି । ଆମେ ସ୍ଥିର ସ୍ତରକୁ ଯାଉଛନ୍ତି । ତୃତୀୟ ଲହର ଆସିବା ନେଇ କେବଳ ଆକଳନ କରାଯାଉଛି । ମାତ୍ର ଭୟଭୀତ ହେବା ନାହିଁ । ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଅନ୍ୟପକ୍ଷରେ ଟିକା ନେବା ପରେ ବି ସଂକ୍ରମଣ ହେଉଥିବାରୁ ଏହାର ଅନୁଧ୍ୟାନ ପାଇଁ ରାଜ୍ୟରେ ଟେକ୍‌ନିକାଲ୍ କମିଟି ଗଠନ କରାଯାଇଛି । ଆଜି ଏହି କମିଟିର ପ୍ରଥମ ବୈଠକ ବସିବ । ଓଡ଼ିଶାରେ ଟିକା ନେବା ପରେ କେତେ ଲୋକଙ୍କର ମୃତ୍ୟୁ ହୋଇଛି ତାର ତର୍ଜମା କରାଯାଉଛି । ଦରକାର ପଡିଲେ ଅନ୍ୟ ଏକ୍ସପର୍ଟମାନଙ୍କ ସହାୟତା ନିଆଯିବ ବୋଲି ଆଇଏଲଏସ୍ ନିର୍ଦ୍ଦେଶକ ଅଜୟ ପରିଡା ସୂଚନା ଦେଇଛନ୍ତି ।

## ବେଦାନ୍ତ ପକ୍ଷରୁ ଓଡ଼ିଶାର କଳାହାଣ୍ଡିରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ ହସ୍ପିଟାଲ ଲୋକାର୍ପିତ





ଭୁବନେଶ୍ୱର, ୧୯।୬(ପି.ଏନ) : ଭାରତର ଅଗ୍ରଣୀ ଆଲୁମିନିୟମ ତଥା ମୂଲ୍ୟଯୁକ୍ତ ଉତ୍ପାଦର ନିର୍ମାତା ବେଦାନ୍ତ ଲିମିଟେଡ୍ ଗୁରୁତର ଅସୁସ୍ଥ ରୋଗୀଙ୍କୁ ଯଥା ସମୟରେ ଉପଯୁକ୍ତ ଚିକିତ୍ସା ସେବା ପ୍ରଦାନ ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କୁ ସହାୟତା ପାଇଁ ୨୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ କୋଭିଡ ହସ୍ପିଟାଲ ଉତ୍ସର୍ଗ କରିଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏକ ଭର୍ଚୁଆଲ ସମାରୋହରେ ଜନସାଧାରଣଙ୍କ ପାଇଁ ଏହି ହସପିଟାଲକୁ ଉତ୍ସର୍ଗ କରିଛନ୍ତି । ଏହି ଅବସରରେ ବେଦାନ୍ତ ଗ୍ରୁପର ଅଧକ୍ଷ ଶ୍ରୀ ଅନିଲ ଅଗ୍ରୱାଲ ଓ ଆଲୁମିନିୟମ ବ୍ୟବସାୟର ଡେପୁଟି ସିଇଓ ଶ୍ରୀ ରାହୁଲ ଶର୍ମା ଉପସ୍ଥିତ ଥିଲେ । ଏହି ହସ୍ପିଟାଲ ପାଇଁ ବେଦାନ୍ତ ଆର୍ଥିକ ସହାୟତା ଯୋଗାଇ ଦେଇଛି ଓ ଓଡ଼ିଶା ସରକାର ଏହାକୁ ପରିଚାଳନା କରୁଛନ୍ତି । ଅନିଲ ଅଗ୍ରୱାଲ ଫାଉଣ୍ଡେସନ ତତ୍ତ୍ୱାବଧାନରେ ସ୍ଥାପିତ ହୋଇଥିବା ଭବାନୀପାଟଣାର କୋଭିଡ ହସ୍ପିଟାଲ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ହେବ । ଏହା ଦେଶରେ ବେଦାନ୍ତ ଦ୍ୱାରା ସ୍ଥାପନ କରାଯାଇଥିବା ସବୁଠାରୁ ବଡ କୋଭିଡ ଚିକିତ୍ସା ଯୋଗାଉଥିବା ହସ୍ପିଟାଲ ଅଟେ । ଏହା ହେଉଛି ୨୦୦ ବେଡର ସଂପୂର୍ଣ୍ଣ ଅକ୍ସିଜେନ ସୁବିଧା ଥିବା ହସପିଟାଲ ଓ ଏଠାରେ ୧୬ଟି ଆଇସିୟୁ ଓ ୧୬ଟି ଏଚଡିୟୁ ସହ ଭେଂଟିଲେଟର ବ୍ୟବସ୍ଥା ରହିଛି । ଏଠାରେ ଉତ୍ସର୍ଗୀକୃତ ଡାକ୍ତର ଓ କର୍ମଚାରୀମାନେ ରହିଛନ୍ତି । ଶିଶୁ ରୋଗୀଙ୍କ ପ୍ରତି ଧ୍ୟାନ ଦେଇ ଏଠାରେ ଶିଶୁମାନଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରଖାଯାଇଛି, ଯାହା ଓଡ଼ିଶା ପାଇଁ ପ୍ରଥମ । ରୋଗୀ ମାନଙ୍କୁ ଅମ୍ଳଜାନ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଡାକ୍ତରଖାନା ପରିସରରେ ଏକ ଅମ୍ଳଜାନ କାରଖାନା ସ୍ଥାପିତ ହୋଇଛି । ଏହି ହସପିଟାଲ ବେଦାନ୍ତର ବର୍ଦ୍ଧିତ ଶୃଙ୍ଖଳା ଓ ମହାମାରୀକୁ ପ୍ରତିକାର କରିବାରେ ସହାୟକ ହେବ । ଜନସାଧାରଣଙ୍କୁ ଏହି ଡାକ୍ତରଖାନା ଉତ୍ସର୍ଗ କରି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ନ୍ତକୋଭିଡ୍ ମହାମାରୀର ଦ୍ୱିତୀୟ ଲହରକୁ ସାହସର ସହିତ ସାମ୍ନା କରିଥିବାରୁ ମୁଁ କଳାହାଣ୍ଡି ଲୋକଙ୍କୁ ଧନ୍ୟବାଦ ଦେଉଛି । ଆମର ଡାକ୍ତର, ସ୍ୱାସ୍ଥ୍ୟ କର୍ମୀ, ଆଶା ଏବଂ ଅଙ୍ଗନୱାଡି କର୍ମୀଙ୍କୁ ସେମାନଙ୍କର ସମର୍ପିତ ସେବା ଓ ବଳିଦାନ ପାଇଁ ଧନ୍ୟବାଦ ଦେଉଛି । ତୃତୀୟ ଲହରକୁ ସାମ୍ନା କରିବାକୁ ଆମେ ପ୍ରସ୍ତୁତ ରହିବା ଆବଶ୍ୟକ । ଭବାନୀପାଟନାରେ ଏହି ୨ ଶହ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା କରିବାରେ ସହାୟତା କରିଥିବାରୁ ମୁଁ ବେଦାନ୍ତ ପରିବାର ଏବଂ ଶ୍ରୀ ଅନିଲ ଅଗ୍ରୱାଲଙ୍କୁ ଧନ୍ୟବାଦ ଦେଉଛି । କାଳାହାଣ୍ଡି ଲୋକଙ୍କ ଉଦ୍ୟମ ଯୋଗୁଁ ଗତ ୨ ଦଶନ୍ଧିରେ କାଳାହାଣ୍ଡିରେ ଉଲ୍ଲେଖନୀୟ ପରିବର୍ତନ ପରିଲକ୍ଷିତ ହୋଇଛି । ଏହି କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା ପାଇଁ ଆମ ସହିତ ସହାୟତାର ହାତ ମିଳାଇଥିବାରୁ ମୁଁ ପୁଣି ଥରେ ବେଦାନ୍ତ ଗ୍ରୁପକୁ ଧନ୍ୟବାଦ ଜଣାଉଛି । ବେଦାନ୍ତ ଗ୍ରୁପର କାର୍ଯ୍ୟନିର୍ବାହୀ ଅଧକ୍ଷ, ଶ୍ରୀ ଅନିଲ ଅଗ୍ରୱାଲ କହିଥିଲେ ଯେ ଓଡ଼ିଶା ଓ ଏହାର ଲୋକମାନଙ୍କ ସହିତ ଆମର ଦୀର୍ଘ ସଂପର୍କ ରହିଆସିଛି । କଳାହାଣ୍ଡି ଓ ଝାରସୁଗୁଡ଼ା ପରି ଅଣସଂରକ୍ଷିତ ଅଂଚଳରେ କାର୍ଯ୍ୟ ସହ ଆମର ସାମାଜିକ ଦାୟିତ୍ୱକୁ ଆମେ ସବୁବେଳେ ଗୁରୁତ୍ୱ ପ୍ରଦାନ କରି ଆସିଛୁ । କଳାହାଣ୍ଡିରେ ଏହି କୋଭିଡ ହସପିଟାଲ ହେଉଛି ଓଡ଼ିଶା ବାସୀଙ୍କ ସେବା ପାଇଁ ଆମର ବିନମ୍ର ଉତ୍ସର୍ଗ ।ବେଦାନ୍ତ ଆଲୁମିନିୟମ ବିଜନେସର ଡେପୁଟି ସିଇଓ, ଶ୍ରୀ ରାହୁଲ ଶର୍ମା କହିଥିଲେ ଯେ- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ଦ୍ୱାରା ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରାଯାଇଛି ।ଯେପରିକି ପଂଚାୟତିରାଜ ପ୍ରତିଷ୍ଠାନ ସହଯୋଗରେ କୋଭିଡ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଲୋକମାନଙ୍କୁ ମହାମାରୀ କବଳରୁ ମୁକ୍ତି ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କୁ ସହଯୋଗ କରିବା ପାଇଁ ବେଦାନ୍ତ ବଦ୍ଧପରିକର । ଆଲୁମିନିୟମ ବ୍ୟବସାୟ ମାଧ୍ୟମରେ ବେଦାନ୍ତ ଏହାର ଇକୋ ସିଷ୍ଟମରେ ପ୍ରାୟ ୩୦୦୦୦ ଲୋକଙ୍କୁ ଟୀକା ପ୍ରଦାନ କରିଛି । ଏମାନଙ୍କ ଭିତରେ କର୍ମଚାରୀ, ବ୍ୟବସାୟିକ ସହଯୋଗୀ ଓ ସେମାନଙ୍କ ପରିବାର ରହିଛନ୍ତି । ଗତ ବର୍ଷଠାରୁ ରାଜ୍ୟର କୋଭିଡ ନିରାକରଣ କାର୍ଯ୍ୟରେ ବେଦାନ୍ତ ବହୁ ପ୍ରକାର ସହାୟତା କରିଆସୁଛି । ବେଦାନ୍ତ ଆଲୁମିନିୟମ ଓ ପାୱାର ହେଉଛି ବେଦାନ୍ତ ଲିମିଟେଡ଼ର ଏକ ଅଂଶ ଯିଏକି ଭାରତର ଅଗ୍ରଣୀ ଆଲୁମିନିୟମ ନିର୍ବାତା ପ୍ରାୟତଃ ଏହା ଭାରତର ଅର୍ଦ୍ଧେକ ଆଲୁମିନିୟମ ଉତ୍ପାଦନକାରୀ ଯିଏକି ଅଶତିକ ବର୍ଷ ୨୧ରେ ୧.୯୬ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଥିବା ସଂସ୍ଥା । ଏହା ମଧ୍ୟ ଦେଶର ସର୍ବବୃହତ ଘରୋଇ ଶକ୍ତି ଉତ୍ପାଦନକାରୀ ସଂସ୍ଥା ମଧ୍ୟରୁ ଅନ୍ୟତମ । ବେଦାନ୍ତ ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦ ନିର୍ମାଣ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିବା ସହ ଔଦ୍ୟୋଗିକ କ୍ଷେତ୍ରରେ ସର୍ବବୃହତ ଜ୍ଞାନକୌଶଳକୁ ଆପଣାଇ ବିଶ୍ୱ ଶ୍ରେଣୀୟ ସ୍ମେଲ୍‌ଟର, ପାୱାର ପ୍ଲାଂଟ ଓ ଆଲୁମିନା ରିଫାଇନାରୀ କାର୍ଯ୍ୟ କରୁଛି । ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତାର ଲକ୍ଷ୍ୟ ପୂରଣ କରୁଛି ।


MAHARISHI PUBLIC SCHOOL



2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ ।

## ୧୦୬୮ ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ଓ୍ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ



। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ଭୂତଙ୍କ ମେଳା



ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର



ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିର୍ଯ୍ୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

## ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଙ୍କିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଧକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳୀଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ



ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏଁ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

## ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ





ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

## ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ମୋକିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

## କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାତ୍ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ



ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହେଁ । କିନ୍ତୁ ଯେତେବେଳେ ଏସିଡ଼ ଖାଦ୍ୟ ରାନ୍ଧିବା ସମୟରେ ପାଇପ୍ ପାଣିରେ ଉପସ୍ଥିତ ଅଣୁ ଓ ଅନ୍ୟ କାର୍ବନିକ୍ ପଦାର୍ଥ ସହିତ ପ୍ରତିକ୍ରିୟା କରିଥାଏ । ସେତେବେଳେ ସେଥିରେ ହାନିକାରକ ଆୟୋଡ଼ିନ୍ ଯୁକ୍ତ ଜୀବାଣୁ ନାଶକ ତିଆରି ହୋଇଥାଏ । ହଂକଂ ୟୁନିଭରସିଟିର ସହାୟକ ପ୍ରଫେସର ଡା. ଶିୟାଂଗ୍ରୁ ଝାଂଗଙ୍କ ଅନୁସାରେ ଖାଦ୍ୟ ବନାଇବା ସମୟରେ ସୃଷ୍ଟି ହେଉଥିବା ଆଇ-ଡିବିପି ପର୍ଯ୍ୟାବରଣୀୟ ରସାୟନବିଦ୍ ଓ ଇଞ୍ଜିନିୟର ମାନଙ୍କ ପାଇଁ ସମ୍ପୂର୍ଣ୍ଣ ନୂଆ । ତେଣୁ ଗବେଷକମାନେ ବିଭିନ୍ନ ପାଇପ ପାଣିକୁ ବିଭିନ୍ନ ତାପମାତ୍ରାରେ ରଖି ସେଥିରେ ଆୟୋଡ଼ିନ୍ ଲୁଣ ମିଶାଇ ପରୀକ୍ଷା କରିଥିଲେ । ଅତି ଆଧୁନିକ ପ୍ରକ୍ରିୟା ବ୍ୟବହାର କରି ସେମାନେ ସେଥିରୁ ୧୪ ଅଣୁକୁ ଚିହ୍ନିପାରିଥିଲେ ଯାହା ୫୦-୨୦୦ଗୁଣା ଅଧିକ କ୍ଷତିକାରକ ।

## ଅନିଦ୍ରାର କୁପ୍ରଭାବ



ନିଦ ନ ଆସିବାର ସମସ୍ୟାକୁ ଏକ ସାଧାରଣ କଥା ଭାବିବା ଉଚିତ୍ ନୁହେଁ । ଏଥିରେ ମସ୍ତିଷ୍କର କାର୍ଯ୍ୟକାରୀ ଶକ୍ତି କମ୍ ହେବାର ଆଶଙ୍କା ରହିଥାଏ । ଅକ୍ସଫୋର୍ଡ଼ ୟୁନିଭରସିଟିର ରିସର୍ଚ୍ଚକର୍ତ୍ତାଙ୍କ ମତାନୁସାରେ ନିଦ ମସ୍ତିଷ୍କର ଘର ଜଗୁଆଳ ସଦୃଶ ଯାହା ମସ୍ତିଷ୍କର ମରାମତି କାର୍ଯ୍ୟ କତରିଥାଏ । ଏଥିପାଇଁ ରିସର୍ଚ୍ଚକର୍ତ୍ତାମାନେ ମସ୍ତିଷ୍କ ସହ ଅନିଦ୍ରାର କ'ଣ ସମ୍ପର୍କ ରହିଛି ତା'ଉପରେ ରିସର୍ଚ୍ଚ କରିଥିଲେ । ଅଧ୍ୟୟନରୁ ଜଣା ପଡ଼ିଥିଲା ନିଦ ନ ହେବା ଜଟିଳତା ଅଧିକାଂଶ ବୟସ୍କ ବ୍ୟକ୍ତିଙ୍କ ପାଖରେ ଦେଖାଯାଏ । ବୟସ୍କ ବ୍ୟକ୍ତିଙ୍କ ପାଇଁ ପ୍ରତିଦିନର ଆଠ ଘଣ୍ଟାର ପର୍ଯ୍ୟାପ୍ତ ନିଦ୍ରା ଜରୁରୀ । ଅନିଦ୍ରା ସମସ୍ୟାରେ ପୀଡ଼ିତ ଥିବା ବ୍ୟକ୍ତି ତାଙ୍କର ଖାଦ୍ୟପେୟକୁ ଧ୍ୟାନରେ ରଖିଲେ ଏହି ଅନିଦ୍ରା ସମସ୍ୟାରୁ ନିଜକୁ ବଞ୍ଚାଇପାରିବେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଜୁନ୍ ୨୦

# ନୂତନ ଟିକାନୀତି ଟିକାକରଣରେ ସୁଧାର ଆଣିବ

ଦେଶରେ ମହାମାରୀ କରୋନାରେ ଦ୍ୱିତୀୟ ଲହର ସଂକ୍ରମଣ ଦିନକୁ ଦିନ ହ୍ରାସ ପାଇବାରେ ଲାଗିଥିବା ବେଳେ ଆସନ୍ତା ୨୧ ତାରିଖ ଠାରୁ ନୂତନ ଟିକାକରଣ ନୀତି କାର୍ଯ୍ୟକାରୀ ହେବାକୁ ଯାଉଛି । ଯାହାକି ଦେଶବାସୀଙ୍କୁ ସମ୍ବୋଧିତ କରିବା ଅବସରରେ ଘୋଷଣା କରିଥିଲେ । ନୂତନ ଟିକାକରଣ ନୀତି ଅନୁଯାୟୀ କେନ୍ଦ୍ର ସରକାର ଏଣିକି ସମସ୍ତ ଟିକା କିଣି ରାଜ୍ୟମାନଙ୍କୁ ଯୋଗାଇ ଦେବେ । ଟିକାର ସମସ୍ତ ବ୍ୟୟ ଭାର କେନ୍ଦ୍ର ସରକାର ବହନ କରିବେ । ରାଜ୍ୟମାନଙ୍କୁ ଟଙ୍କାଟିଏ ମଧ ଖର୍ଚ୍ଚ କରିବାକୁ ପଡିବ ନାହିଁ । ୧୮ ବର୍ଷରୁ ଉର୍ଦ୍ଧ୍ୱ ନାଗରୀକଙ୍କୁ କେନ୍ଦ୍ର ସରକାର ମାଗଣାରେ ଟିକା ଦେବେ । ତେବେ ଯେଉଁମାନେ ସରକାରୀ ଟିକାକରଣ କେନ୍ଦ୍ରରେ ଟିକା ନେବେ ନାହିଁ, ସେମାନେ ଘରୋଇ ହସପିଟାଲରେ ଟିକା ନେଇପାରିବେ । ଏଥିପାଇଁ ସେମାନଙ୍କୁ ଘରୋଇ ହସପିଟାଲର ସର୍ଭିସ ଚାର୍ଜ (ସେବା ଫିସ) ୧୫୦ ଟଙ୍କା ସହ ଟିକାର ଦେୟ ଦେବାକୁ ହେବ । କହିବା ଉଚିତ ଯେ, କେନ୍ଦ୍ର ସରକାର ଆବଶ୍ୟକୀୟ ଟିକାର ୭୫ ପ୍ରତିଶତ ଏବଂ ଘରୋଇ ହସପିଟାଲ ଗୁଡିକ ୨୫ ପ୍ରତିଶତ ଟିକା କିଣିବେ ।


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଏହା ନିଶ୍ଚିତ ଯେ, ଦେଶରେ ଗତ ଜାନୁୟାରୀ ମାସ ୧୬ ତାରିଖରୁ ଆରମ୍ଭ ହୋଇଥିବା ଟିକାକରଣ ଅଭିଯାନ ଇତି ମଧ୍ୟରେ ୫ ମାସ ଅତିକ୍ରମ କରିଥିଲେ ଯେ, ଆଶାତୀତ ସଫଳତା ମିଳିନାହିଁ । ଦେଶର ଲୋକସଂଖ୍ୟାର ମାତ୍ର ଏକ ଷଷ୍ଠାଂଶ ତଥା ଛଅ ଭାଗରୁ ଭାଗେ ଲୋକ ଟିକା ନେଇଛନ୍ତି । ଟିକାର ଘୋର ଅଭାବ ଯୋଗୁଁ ଏଭଳି ସ୍ଥିତି ଉପୁଜିଛି ବୋଲି କହିଲେ ହୁଏତ ଭୁଲ ହେବ ନାହିଁ । କେବଳ ଏତିକି ଏପ୍ରିଲ ଶେଷ ଭାଗରେ କେନ୍ଦ୍ର ସରକାର ଘୋଷଣା କରିଥିବା ଟିକା ନୀତିରେ ରାଜ୍ୟଗୁଡିକ ୨୫ ପ୍ରତିଶତ ଟିକା କିଣିବା ବାଧ୍ୟମୂଳକ ହୋଇଥିବା ବେଳେ ୧୮ ରୁ ୪୪ବର୍ଷ ବୟସ୍କଙ୍କ ଟିକାର ବ୍ୟୟ ବହନ କରିବା ବାଧ୍ୟତାମୂଳକ ଥିଲା । ଯାହାର ବ୍ୟୟ ଭାର ରାଜ୍ୟ ସରକାରମାନଙ୍କ ଉପରେ ରହିଥିଲା । କେବଳ ଏତିକି ନୁହେଁ, ଟିକାର ମୂଲ୍ୟ ତିନି ପ୍ରକାର ରହିଥିଲା । କେନ୍ଦ୍ର ସରକାର ଯେଉଁ ଦରରେ ଟିକା କିଣୁଥିଲେ ରାଜ୍ୟଗୁଡିକ ୨ଗୁଣା ଦରରେ ଘରୋଇ ହସପିଟାଲଗୁଡିକ ପାଇଁ ଭିନ୍ନ ଦର ଥିଲା । ଯେଉଁଥିପାଇଁ କି କେନ୍ଦ୍ର ସରକାର ଅଦାଲତଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ମହଲରୁ ସମାଲୋଚନାର ଶରବ୍ୟ ହୋଇଥିଲେ । ଆହୁରି ମଧ ୧୮ରୁ ୪୪ବର୍ଷ ବୟସର ଲୋକଙ୍କ ପାଇଁ ରାଜ୍ୟଗୁଡିକ ସିଧାସଳଖ ଟିକା କିଣି ଦେବା ପାଇଁ କୁହାଯାଇଥିଲା । ରାଜ୍ୟଗୁଡିକ ଟିକା କିଣିବା ପାଇଁ ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଥିଲେ ମଧ କୌଣସି ଔଷଧ ନିର୍ମାତା କମ୍ପାନୀ ଅଂଶ ଗ୍ରହଣ କରିନଥିଲେ । ବିଦେଶୀ କମ୍ପାନୀ ଗୁଡିକ ଭାରତ ସରକାରଙ୍କ ସହ କାରବାର କରିବାକୁ ଚାହିଁଥିଲେ । ଟିକା ଅଭାବରୁ ସମସ୍ତ ରାଜ୍ୟରେ ଟିକାକରଣ କେନ୍ଦ୍ରଗୁଡିକ ବନ୍ଦ ରହିଥିଲା । ଟିକା ଅଭାବରୁ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଥିଲା । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ଟିକା କିଣିବା ଦାୟିତ୍ୱ ନେଇ ରାଜ୍ୟମାନଙ୍କୁ ବିକ୍ରି କରୁ ବୋଲି ଚିଠି ଲେଖିବା ସହ ଅନ୍ୟ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ନିକଟକୁ ଚିଠି ଲେଖି ଏକାଠି ହେବାକୁ ଆହ୍ୱାନ ଦେଇଥିଲେ । ଟିକାକରଣ ନେଇ ଅବ୍ୟବସ୍ଥା ଏପରି ଚରମ ସୀମାରେ ପହଁଚିଥିଲା ଯେ, ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ଟିକା ନୀତିକୁ 'ମନମୁଖୀ' ଏବଂ 'ଅଯୌତିକ' ବୋଲି କହିବାକୁ କୁଣ୍ଠାବୋଧ କରିନଥିଲେ । ଯେତେବେଳେ ଦେଶରେ ମହାମାରୀର ଦ୍ୱିତୀୟ ଲହର ସଂକ୍ରମଣ ଭୟଙ୍କର ଭାବେ କାୟା ବିସ୍ତାର କରିବା ସହ ମୃତକଙ୍କ ସଂଖ୍ୟା ବଢିଚାଲିଥିଲା, ସେତେବେଳେ ସେତେବେଳେ ଟିକାକରଣରୁ କେନ୍ଦ୍ର ଓହରି ଯାଇ ରାଜ୍ୟଗୁଡିକୁ ଦାୟିତ୍ୱ ଦେବା ଏବଂ ରାଜ୍ୟମାନେ ଟିକା କିଣିବାରେ ବିଫଳ ହେବା କେନ୍ଦ୍ର ସରକାରଙ୍କ ଏକ ତ୍ରୁଟିପୂର୍ଣ୍ଣ ନୀତି ଥିଲା, ଏଥିରେ ସନ୍ଦେହ ନାହିଁ । କହିବା ବାହୁଲ୍ୟ ଯେ, କରୋନାର ଦ୍ୱିତୀୟ ଲହର ପରିଚାଳନାରେ କେନ୍ଦ୍ର ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ନିସନ୍ଦେହରେ କୁହାଯାଇପାରିବ । ତେବେ ଶେଷରେ କେନ୍ଦ୍ର ସରକାର ନିଜର ଭୁଲ ବୁଝି ପାରିବା ଏବଂ ଟିକାକରଣର ସମସ୍ତ ଦାୟିତ୍ୱ ନିଜ ହାତକୁ ନେବା ନିଶ୍ଚିତ ଭାବେ କେନ୍ଦ୍ରର ଏକ ତ୍ରୁଟି ସୁଧାର ପଦକ୍ଷେପ ବୋଲି କହିବାକୁ ହେବ । ଚଳିତ ବର୍ଷ ଶେଷ ସୁଦ୍ଧା ଦେଶରେ ସମସ୍ତଙ୍କୁ ଟିକାକରଣ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ତେବେ ଏବେ ଯେଉଁଭଳି ମନ୍ଥର ଗତିରେ ଟିକାକରଣ ଚାଲିଛି, ସରକାର ଏହି ଲକ୍ଷ୍ୟ ଦିବା ସ୍ୱପ୍ନ ବ୍ୟତୀତ ଅନ୍ୟ କିଛି ନୁହେଁ । ତେବେ ଏହି ଲକ୍ଷ୍ୟ ପୂରଣ ପାଇଁ ଦୈନିକ ୮୦ ଲକ୍ଷ ଟିକାକରଣ ଆବଶ୍ୟକ । କୋଟିଏ ଏବେ ଟିକା ଅପେକ୍ଷାରେ । ୧୮ରୁ ୪୪ଙ୍କୁ ଟିକାକରଣ ପାଇଁ କୋୱିନ ଆପରେ ସ୍ଲଟ ନଥିବାରୁ କୋଟି ଯୁବକ ଯୁବତୀ ଅପେକ୍ଷାରେ ଅଛନ୍ତି । ଏବେ ସରକାର ଏଥିରେ ସୁଧାର ଆଣି କୋୱିନ ପଂଜିକରଣକୁ ପ୍ରତ୍ୟାହାର କରିନେଇଛନ୍ତି । ଯାହାକି ୧୮ରୁ ୪୪ଙ୍କୁ ଅବାଧ ଟିକାକରଣରେ ସହାୟକ ହେବା ଆଶା ଉଜ୍ଜଳ । ଅନ୍ୟପକ୍ଷରେ ଦେଶରେ ୩୪,୭୮୮ ସରକାରୀ ଓ ୧୩୭୦ ଘରୋଇ ଟିକାକରଣ କେନ୍ଦ୍ରରେ ଟିକାକରଣ କରାଯାଇଛି । ବର୍ଷ ଶେଷ ସୁଦ୍ଧା ଟିକାକରଣ ଲକ୍ଷ୍ୟ ହାସଲ ପାଇଁ ଦେଶରେ ଥିବା ସମସ୍ତ ୧,୫୦,୦୦୦ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଟିକାକରଣ କେନ୍ଦ୍ର କରାଗଲେ, ଲକ୍ଷ୍ୟ ହାସଲ ହୋଇପାରିବ, ଏହା ଆମର ବିଶ୍ୱାସ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଘର ବୈକୁଣ୍ଠ


ଡ. କିଶୋର ମହାନ୍ତି

ଘରଠାରୁ ସର୍ବଶ୍ରେଷ୍ଠ ନିରାପଦ ଆଶ୍ରୟସ୍ଥଳ କାହିଁ ? ମଣିଷର ଅତି ଆବଶ୍ୟକୀୟ ଜିନିଷ ହେଲା ବାସ, ବସ୍ତ୍ର ଆଉ ଖାଦ୍ୟ । ଏ ତିନୋଟି ତା' ପାଇଁ ଅପରିହାର୍ଯ୍ୟ । ଘରଟିଏ ସିଏ ଝାଟିମାଟିର ଛଣଛପର ଘର ହେଉ, ପର୍ଣ୍ଣ କୁଟୀର ହେଉ ଅବା ସେ ହର୍ମ୍ମମୟ ପ୍ରାସାଦ ହେଉ, ଉଡ଼ାଚଢ଼େଇଟିଏ ଯେମିତି ତା ନିଡ଼କୁ ଫେରେ ସେମିତି କ୍ଲାନ୍ତଶ୍ରାନ୍ତ ହେଇ ଶିଷ ଫେରେ ତା'ର ଘରକୁ । ଘରେ ଶ୍ରମ ମେଣ୍ଟାଏ, ସୁଖରେ ସେଇ ଘର ଖଣ୍ଡିକରେ ସେ ସମୟ ଅତିବାହିତ କରେ । ଗୋବର ଲିପା, କାନ୍ଥରେ ଝୋଟି ଚିତା ପଡ଼ିଥିବା ଓଡ଼ିଆଙ୍କର ଘର ବେଶ୍ ପରିଚ୍ଛନ୍ନ ଓ ଖୁବ୍ ସୁନ୍ଦର ।ଘରେ ରହି ସୁଖଦୁଃଖରେ ଭାଗୀ ହୋଇ ପରିବାରର ଅନ୍ୟମାନଙ୍କ ସହ ମିଶି ଚଳିବାରେ ଯୋଉ ଆନନ୍ଦ ମିଳେ, ତାହା ବହୁତଳ ବିଶିଷ୍ଟ, ଶୀତତାପ ନିୟନ୍ତ୍ରିତ ପ୍ରାସାଦରେ ରହିଲେ ମିଳେ ନାହିଁ । ପରିବାରର ସ୍ନେହ, ଶ୍ରଦ୍ଧାରେ ବାନ୍ଧି ହୋଇଯାଏ ମଣିଷ । ତେଣୁ ତ କହିଛି– "ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର ।" ଆଜି ବାସ୍ତବରେ ଘରମୁହାଁ ସମସ୍ତେ । କରୋନା ଆତଙ୍କରେ ଭୟଭୀତ ପୃଥିବୀବାସୀ । କରୋନାଠାରୁ ଦୂରେଇ ରହିବା ପାଇଁ ସମସ୍ତଙ୍କୁ ଗୃହବନ୍ଦୀ ହେବାକୁ ପଡ଼ିଛି– ଆଜିକାଲି ଦେଖାଯାଉଛି ସମସ୍ତେ ଘରେ ରହି ତାଲାବନ୍ଦକୁ ସଫଳ କରାଉଛନ୍ତି । ଗୋଟିଏ ଅନୁଶାସନରେ ରହି କରୋନାକୁ ହରାଇବାର ଦୃଢ଼ ସଂକଳ୍ପ ନେଇଛନ୍ତି ଲୋକମାନେ । ସତରେ ଆଜି ଘର ପୂରିଉଠୁଛି । ଏ କ୍ଷେତ୍ରରେ ଏବେ ଯୌଥ ପରିବାର ଆବଶ୍ୟକତା ଉପରେ ଯଥେଷ୍ଟ ଗୁରୁତ୍ୱ ଆରୋପ କରାଯାଉଛି । ସମସ୍ତେ ଘରେ ଥାଇ ସମସ୍ତଙ୍କୁ ସାହାଯ୍ୟ କରୁଥିଲେ । କାର୍ଯ୍ୟ ବଣ୍ଟନରେ ଯେଉଁ ଆନନ୍ଦ ମିଳୁଥିଲା ତାହା ନିଉକ୍ଲିୟର ପରିବାରରେ କୋଉଠୁ ମିଳିବ ବିଶେଷତଃ ଏଇ ତାଲାବନ୍ଦର ଦୁର୍ବିସହ ସମୟରେ । ଗୁରୁଜନଙ୍କ ପ୍ରତି ଗଭୀର ଭକ୍ତି ପ୍ରଦର୍ଶନ ସହ , ଲଘୁଜନମାନଙ୍କୁ ସ୍ନେହ ଶ୍ରଦ୍ଧା ଦେବାରେ ବ୍ୟକ୍ତିଟିଏ ଭାବୁଥିଲା ସେ ଘରେ ଥାଇ ସବୁଙ୍କ ସାଥିରେ ବାନ୍ଧି ହୋଇ ଯାଇଛି ଯେମିତି । ଆଜି ବି ସେଇ ଯୌଥ ପରିବାରରେ ସେଇ ଆନନ୍ଦ ହିଁ ସାଉଁଟୁଛନ୍ତି ପ୍ରତିଟି ବ୍ୟକ୍ତି । ଘର ଘର ହୋଇ ରହିନାହିଁ– କେତେବେଳେ ଘର ପାଲଟି ଯାଇଛି କ୍ରୀଡ଼ାକ୍ଷେତ୍ର, କେତେବେଳେ ରୋଷଶାଳା,ଘର ପାଲଟିଛି ଚିତ୍ରଘର । ପୁଣି ସଂଗୀତ ସଦନ, ଅବା ପାଠଶାଳା । ଏ ଅବେଳରେ ଗୃହବନ୍ଦୀ ସାଜି ଲୋକଟି କରେ କ'ଣ ? ଘରକୁ ଗୋଟିଏ ସାଂସ୍କୃତିକ ପ୍ରାଣକେନ୍ଦ୍ର କରି ନିଜେ ଆନନ୍ଦ ପାଇବା ସହ ଅନ୍ୟମାନଙ୍କର ମନୋରଂଜନରେ ସହାୟ ହେଉଛି । ଘରେ ଯଦି ଚିତ୍ରକରଟିଏ ଥାଏ ତେବେ ସେ ବର୍ଣ୍ଣିଳ ଚିତ୍ରିତ ଦୁନିଆରେ ସଜାଇଦିଏ ଘରକୁ । ଘରେ କିଏ ଯଦି ଯନ୍ତ୍ରସଂଗୀତରେ ପାରଙ୍ଗମ ଅଛି ସେ ଘରେ ଅନ୍ୟମାନଙ୍କୁ ତା'ର ମଧୁର ଧ୍ୱନ ଶୁଣାଇ ଆପ୍ୟାୟିତ କରେ । ପୁଣି ଘରେ କବିଟିଏ / ଲେଖକଟିଏ କରୋନାର ଭୟଙ୍କର ଚିତ୍ର ସହ ତା'ପାଇଁ ସତର୍କ କେମିତି ରହିବ ସେ ବିଷୟରେ କବିତା ଲେଖି ଶୁଣାଏ ଅନ୍ୟମାନଙ୍କୁ । କିଏ ପୁଣି ଗୀତ ଗାଇ ମନକୁ ଆନନ୍ଦିତ କରେ । ଘରର ମହିଳା ନାନା ପ୍ରକାର ସ୍ୱାଦିଷ୍ଟ ଓ ବ୍ୟଞ୍ଜନ ପରଷିଯାଏ ତା'ର ନିଜର ଲୋକଙ୍କୁ । କେହି କେହି ଘରର ବାଡ଼ିବଗିଚାର ଯତ୍ନ ନେବାରେ ଆଗେଇ ଆସେ । ପିଲାମାନେ ଗୀତ ଗାଆନ୍ତି ଚିତ୍ର ଆଙ୍କନ୍ତି । ସେମାନଙ୍କର ବାଲ୍ୟ ଚପଳତା ବେଶ୍ ମନର ଅବସାଦ ଦୂରୀଭୂତ କରିଦିଏ । କେହି ଲୁଡୁ ଖେଳେ, କେହି ତାଆସ, ଏମିତି କେତେ କ'ଣ । ଘର ତାକୁ ଲାଗେ ଛୋଟିଆ ଦୁନିଆ । ଢ଼ିଙ୍କିଶାଳରୁ ଢ଼େଙ୍କାନାଳଯାଏ ଚର୍ଚ୍ଚା ଚାଲେ ଘରର ପରିବାର ସହିତ । ସାମାନ୍ୟ ଗୁଜବ ଓ ତା'ର ଚର୍ଚ୍ଚା ସାଙ୍ଗରେ ବ୍ୟଙ୍ଗୋକ୍ତି ମନ୍ତବ୍ୟ ହସର ଫୁଆର ଛୁଟାଇଦିଏ । ପୁରୁରା ପୋଥି ଖୋଜାଲୋଡ଼ା ହୁଏ, ଭାଗବତ ପାଠ ହୁଏ, ପୁରାଣ ପଢ଼ାଯାଏ । ଅବା ଘରେ ଥାଇ ରେଡ଼ିଓରୁ ସମ୍ବାଦ ସଂଗୀତ ଶୁଣିବାକୁ ମିଳେ । ପରିବାରର ଅନ୍ୟାନ୍ୟ ସଭ୍ୟ ଟେଲିଭିଜନରୁ ମଜା ଉଠାନ୍ତି । ଘର ବାସ୍ତବରେ ଶିଖାଏ ଶ୍ରମ ବିଭାଗୀକରଣ ସଂହତି ଓ ଭାଇଚାରା । ଘରୁ ହିଁ ଆରମ୍ଭ ହୁଏ କରୁଣାର ମହାମନ୍ତ୍ର, ମାନବବାଦର ସ୍ୱର । ପରକୁ ଆପଣାର କରିବାର ଗୁଣ ପ୍ରତ୍ୟେକଙ୍କଠାରେ ଉଦ୍ରେକ ହୋଇଥାଏ ଏଇ ଘରୁ । ବିଶ୍ୱାସ, ସଂପର୍କ, ସଂପ୍ରତିର ନନ୍ଦନକାନନ ହେଉଛି ଏଇ ଘର । ଘର ଭାଙ୍ଗିଗଲେ ଯୋଡ଼ି ହୁଏନା । କେତେବେଳେ ଘରକୁ ପର କରିଦେଲେ ଭିଟାମାଟି ଖଣ୍ଡକ ହାତଛଡ଼ା ହୁଏ । ପ୍ରତ୍ୟେକ ବ୍ୟକ୍ତିର ଅମୀୟ ସ୍ପର୍ଶରେ ଘର ପାଲଟିଯାଏ ସ୍ୱର୍ଗ । ଅମରାବତୀ ଯଦି କୋଉଠି ଥାଏ ତେବେ ଏଇ ସେ ଘର । ବ୍ୟକ୍ତିଟିଏ ଘର ଭିତରେ ନିଜସ୍ୱ ସଂସାର ଦେଖେ ଆଉ ଏ ସଂସାରର ମାୟା ଜଡ଼ିଯାଇଥାଏ ଏଇ ଘରେ । ଘରଟିଏ ଥିଲେ ମଣିଷ ଛାତିରେ ଦମ୍ଭ ଆସେ ।

ଯଥାର୍ଥରେ କୁହାଯାଇଛି–
Home Sweet Home
There is no place like home.

ମୋ: ୯୪୩୭୭୨୮୪୭୫
ସିଡିଏ, କଟକ-୧୪

# ଭାରତରେ ଜାତୀୟ ସଂହତି ବନାମ ରାଜନୀତି


ଗୋପାଳ ଚନ୍ଦ୍ର ନାଥ

ଭାରତବର୍ଷରେ ବିଭିନ୍ନ ଜାତି, ଧର୍ମ ଓ ଭାଷାଭାଷୀ ଲୋକ ଅବସ୍ଥାନ କରନ୍ତି । ଯଥାର୍ଥରେ ଭାରତବର୍ଷ ଏକ ଧର୍ମ ନିରପେକ୍ଷ ସାର୍ବଭୌମ୍ୟ ଗଣତନ୍ତ୍ର ରାଷ୍ଟ୍ର ଭାବେ ବିଶ୍ୱରେ ଏକ ସ୍ୱତନ୍ତ୍ରତା ବଜାୟ ରଖିଛି । ଆଜି ବିଶ୍ୱ ଜନମାନସରେ ଭାରତବର୍ଷ ନିଜର ନିରପେକ୍ଷ ଚିନ୍ତାଧାରା ପାଇଁ ବିଶ୍ୱ ବନ୍ଦିତ ଏକକ ରାଷ୍ଟ୍ରର ମର୍ଯ୍ୟାଦା ଲାଭ କରିଛି । ଭାରତବର୍ଷ ୧୫୦୦ରୁ ୧୮୦୦ ଖ୍ରିଷ୍ଟାବ୍ଦ ପର୍ଯ୍ୟନ୍ତ ଦେଶରେ ଜାତି ଜାତି ଓ ଧର୍ମ ଧର୍ମ ଭିତରେ ଏକ ବିଭେଦତା ଦେଖା ଦେଇଥିଲା ଓ ଦେଶର ଜନସାଧାରଣଙ୍କର ଏହି ଦୁର୍ବଳତାର ସୁଯୋଗକୁ ପାଥେୟ କରି ଇଂରେଜମାନେ ଆମ ଦେଶର ଶାସନରେ ପ୍ରବେଶ କରିଥିଲେ । ଇଂରେଜ ଶାସନରେ ଭାରତର ପ୍ରତ୍ୟେକ ବର୍ଗର ଲୋକ ଅତିଷ୍ଠ ହେଉଥିଲେ ଓ ତାହା ହିଁ ଧର୍ମ ଧର୍ମ, ଜାତି ଜାତି ଓ ବିଭିନ୍ନ ଭାଷାଭାଷୀଙ୍କ ମଧ୍ୟରେ ଏକତା ସୃଷ୍ଟି କରିବାକୁ ଖୋରାକ୍ ଯୋଗାଇଥିଲା ଓ କ୍ରମେ ସମସ୍ତ ଭାରତୀୟ କି ହିନ୍ଦୁ, କି ମୁସଲମାନ, କି ଖ୍ରିଷ୍ଟିଆନ, ଶିଖ, ଜୈନ୍ୟ, ବୌଦ୍ଧ ସମସ୍ତେ ଏକାଠି ହୋଇଥିଲେ ଓ ସଭିଁଏ ଗୋଟିଏ ଜାତି ବୋଲି ନିଜକୁ ପରିଚୟ ହେଉଥିଲେ ଓ ଏକ ସ୍ୱରରେ ଆମେ ଭାରତୀୟ ଓ ଭାରତ ମାତାକି ଜୟ ବୋଲି ସ୍ଲୋଗାନ ଦେଇଥିଲେ । ସମସ୍ତ ଭାରତୀୟଙ୍କ ମିଳିତ ଉଦ୍ୟମରେ ଦେଶରେ ଇଂରେଜମାନଙ୍କୁ ହଟାଇବା ପାଇଁ ଆନ୍ଦୋଳନ ଚାଲିଲା, ଏବଂ ସେ ଆନ୍ଦୋଳନ ଭାରତ ସ୍ୱାଧିନ ପାଇଁ ଥିଲା । ସେହି ସ୍ୱାଧିନ ପାଇଁ ଯେଉଁ ଆନ୍ଦୋଳନ ମୁଣ୍ଡ ଟେକିଥିଲା, ସେଥିରେ କୌଣସି ବାଛ ବିଚାର ନ ରଖି ସମସ୍ତ ଭାଷାଭାଷୀ, ଧର୍ମ, ଜାତି, ବର୍ଣ୍ଣ ନିର୍ବିଶେଷରେ ଏକକାର ହୋଇ ଝାସ ଦେଇଥିଲେ ଓ ଶେଷରେ ଇଂରେଜମାନେ ଭାରତୀୟମାନଙ୍କ ଏକତା ଆଗରେ ମୁଣ୍ଡ ନଇଁଥିଲେ ଓ ବାଧ୍ୟ ହୋଇ ଦେଶ ଛାଡିବା ପାଇଁ ସ୍ଥିର କରିଥିଲେ । ସେହି ସମୟରେ ଧର୍ମ ଭିତିକ ଥିବା ସଂଗଠନଗୁଡିକ ସହ ଇଂରେଜମାନେ ଗୁପ୍ତ ମନ୍ତ୍ରଣା କରି ଦେଶକୁ ବିଭାଜନ କରିବା ପାଇଁ ବିଷ ଛାଡିଦେଲେ, ଫଳରେ ଦେଶ ବିଭାଜନ ହେଲା ଦୁଇ ଭାଗରେ । ମୁସଲମାନମାନେ ଅଲଗା ହୋଇଗଲେ, ସେମାନେ ଗଠନ କଲେ ମୁସଲମାନ ରାଷ୍ଟ୍ର ପାକିସ୍ଥାନ ଓ ଅବଶିଷ୍ଟ ଯାହା ରହିଲା ତାହା ଭାରତବର୍ଷର ନାମ ବହନ କରି ବିଶ୍ୱର ଏକମାତ୍ର ଆଦର୍ଶ୍ୟ ନିରପେକ୍ଷ ରାଷ୍ଟ୍ର ଭାବେ ପରିଚିତ ହେଲା । ସ୍ୱାଧିନ ପରେ ଭାରତବର୍ଷ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବେ ଦେଶରେ ଏକତା ଏବଂ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ବିଭିନ୍ନ ଉପାୟ ଓ ନୀତିରେ ସମସ୍ତଙ୍କୁ ଗୋଟିଏ ଡୋରିରେ ବାନ୍ଧି ରଖି ଏକ ସମୃଦ୍ଧ ରାଷ୍ଟ୍ର ଗଠନ ଦିଗରେ ଆଗେଇ ଚାଲିଥିଲା । ଦେଶର ସମସ୍ତ ଧର୍ମ, ଜାତି ଓ ଭାଷାଭାଷୀମାନଙ୍କୁ ଜାତୀୟତାରେ ଉଦ୍‌ବୋଧ କରିବା ପାଇଁ ଓ ସମସ୍ତଙ୍କ ଭିତରେ ଜାତୀୟ ସଂହତି ରକ୍ଷା କରିବା ପାଇଁ ଭାରତ ବର୍ଷରେ ଜାତୀୟ ସଂହତି ପରିଷଦ ଗଠନ କରି ଭାତୃଭାବରେ ଏକାଠି କରାଯାଇଥିଲା । କ୍ରମେ ଦେଶରେ କାହାର ଧର୍ମ ଉପରେ କାହାର ହସ୍ତକ୍ଷେପ ନ ଥିଲା, କାହାର ଜାତି ଉପରେ କାହାର କିଛି କହିବାର ନ ଥିଲା, ଭାଷା ଭିତିକ ସେଭଳି କୌଣସି ଅସୁବିଧା ମୁଣ୍ଡ ଟେକି ନ ଥିଲା । ଦେଶ ପ୍ରଗତି ପଥରେ ଆଗକୁ ଆଗେଇ ଚାଲିଥିଲା । ଯଦିଓ ଯା ଭିତରେ ଦେଶ ବନ୍ୟା, ବାତ୍ୟା, ମରୁଡି ଭଳି କେତେକ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖିନ ହେବାକୁ ପଡିଥିଲା । ଦେଶ ସ୍ୱାଧିନ ପାଇଁ ଯେଉଁଭଳି ଏକତାର ସୂତ୍ରରେ ଆନ୍ଦୋଳନରେ ଝାସ ଦେଇ ଭାରତ ମାତାକୁ ସ୍ୱାଧିନ କରିଥିଲେ, ସ୍ୱାଧିନ ପରେ ଯେତେବେଳେ ଗଣତନ୍ତ୍ର ଶାସନକୁ ପାଖରୁ ଦେଖିଲେ ଓ ଉପଭୋଗ କଲେ ଆମ ନେତାମାନଙ୍କ ମନରେ କ୍ଷମତା ପାଇବା ପାଇଁ କ୍ରମେ ବ୍ୟଗ୍ରତା ବଢିଲା ଓ ନିସ୍ୱାର୍ଥକୁ ଭୁଲି ନିଜର ସ୍ୱାର୍ଥ ପାଇଁ ପ୍ରତିଯୋଗିତା ଚାଲିଲା । ରାଜନୀତି କଳୁଷିତ ହେଲା, ନିର୍ବାଚନ ଲଢିବା ପାଇଁ ଲୋକଙ୍କ ମଧ୍ୟରେ ବ୍ୟଗ୍ରତା ବଢିଲା । ରାଜନୀତି ପ୍ରତି ଲୋକ ଆଗ୍ରହ କରିବା ଶୁଭଙ୍କର, କିନ୍ତୁ ସମସ୍ତେ କ୍ଷମତା ପାଇଁ ଏତେ ବ୍ୟଗ୍ର ହେଲେ ଯେ ଦେଶର ଜାତୀୟ ସଂହତି ବିପନ୍ନ ହେବାକୁ ଲାଗିଲା । ଧର୍ମ ଧର୍ମ ଭିତରେ ଅସହିଷ୍ଣୁତା ବଢିବାରେ ଲାଗିଲା । ନେତା କ୍ଷମତା ପାଇଁ ସାଧାରଣ ଜନତାଙ୍କ ମନ ଭିତରେ ଧର୍ମ ଭିତିକ ବିଷ ବୁଣି ନିଜର ସ୍ୱାର୍ଥ ହାସଲ କରିବାକୁ ସହଜ ମଣିଲେ । ଦେଶସାରା ଭାଷା ନେଇ ମଧ୍ୟ କ୍ରମେ ବିଭେଦ ମୁଣ୍ଡ ଟେକିଲା । ଆମ ଦେଶରେ ଯଦିଓ ଇଂରାଜୀ ବିଦେଶୀ ଭାଷା, ତଥାପି ତା ଜାତୀୟ ଭାଷାର ମାନ୍ୟତା ପାଇଲା । ଜାତୀୟ ଭାଷାକୁ ହିନ୍ଦିକୁ ନିଆଗଲା । କିଛି ଭାଷାଭାଷୀ ହିନ୍ଦିକୁ ଆଂଚଳିକ ଭାଷା କହି ମାନିବାକୁ ପ୍ରସ୍ତୁତ ହେଲେ ନାହିଁ । ଫଳରେ ଇଂରାଜୀ ଓ ହିନ୍ଦି ଉଭୟେ ଜାତୀୟ ଭାଷାରୂପେ ଗ୍ରହଣ କରି କାର୍ଯ୍ୟ ଚାଲୁଛି । ଏହାକୁ ଦେଖି ନିଜ ନିଜର ଭାଷାକୁ ଆଗକୁ ନେବା ପାଇଁ ଅନ୍ୟ ଭାଷାଭାଷୀ ଅଂଚଳବାସୀ ଲାଗିଗଲେ ଓ କେତେକ ଭାଷା ଭିତିକ ରାଜ୍ୟ ଓ ରାଜନୈତିକ ଦଳ କ୍ରମେ ଦେଶରେ ମୁଣ୍ଡ ଟେକିଲା । ଯାହାକି ଦେଶସାରା ଛତୁ ଫୁଟିଲା ପରି ଆଂଚଳିକ ଦଳମାନେ ରାଜନୀତିକୁ ଆସିଲେ ଓ ପ୍ରଦେଶଗୁଡିକ ସେମାନଙ୍କ କବଳରେ କବଳିତ ହେବାକୁ ଲାଗିଲା । ଏହା ହିଁ ଦେଶର ଜାତୀୟ ସଂହତି ପ୍ରତି ଆଉ ଏକ ବଡ ବିପଦ ଭାବରେ ଠିଆ ହୋଇଛି । ଦେଶର ଜାତୀୟତା ପ୍ରତି ବିପଦ ଆସିଲେ ଦେଶ ପ୍ରଗତିରେ ବାଧକ ହେବ, ଦେଶ ମଧ୍ୟରେ ଏକତା ଓ ଅଖଣ୍ଡତା ପ୍ରତି ଘୋର ବିପତି ପଡିବା ଧର୍ମ ଧର୍ମ ଭିତରେ ଏକତା ରକ୍ଷା ପାଇଁ ଜାତୀୟ ସ୍ତରରେ ଯେଉଁ ଜାତୀୟ ସଂହତି ପରିଷଦ ଗଠନ ହୋଇଥିଲା କ୍ରମେ ତାହା ନିଜର ଅସ୍ତିତ୍ୱ ହରାଇ ବସିଛି । ରାଜନୈତିକ ଦଳଗୁଡିକ ଭିତରେ କ୍ଷମତା ପାଇଁ ଯେଉଁ ପ୍ରତିଯୋଗିତା ଚାଲୁଛି, ସେଥିରେ ସଂହତି ବିପନ୍ନ ହେଉଛି । ଦେଶରେ କ୍ରମେ ଜାତୀୟ ଦଳଗୁଡିକର ପ୍ରଭାବ କ୍ଷିଣ ହୋଇଯାଉଛି ଓ ଆଂଚଳିକ ଦଳଗୁଡିକ ପ୍ରତ୍ୟେକ ପ୍ରଦେଶଗୁଡିକୁ ହାତକୁ ନେଇ ଦେଶର ଜାତୀୟ ରାଜନୀତିକୁ ମଧ୍ୟ ପ୍ରଭାବିତ କରୁଛନ୍ତି । ଫଳରେ ଜାତୀୟ ସଂହତିକୁ କାର୍ଯ୍ୟକାରୀ କରି କୌଣସି ଦଳ ଯେ କ୍ଷମତାକୁ ଆସି ପାରିବ ନାହିଁ, ଏଭଳି ଏକ ମନ୍ତବ୍ୟ ନିକଟ ଭବିଷ୍ୟତରେ ଆମ ମାନଙ୍କ ମନରେ ନିଶ୍ଚିତ ଆସିବ, ଏଥିରେ ସନ୍ଦେହ ନାହିଁ । ବିନା ଆଂଚଳିକ ଦଳମାନଙ୍କର ସହଯୋଗରେ ଦେଶରେ କୌଣସି ଗୋଟିଏ ଦଳ କ୍ଷମତାକୁ ଆସି ନ ପାରିବା ହେତୁ ହିଁ ଦେଶରେ ଏ ବିପନ୍ନ ଦେଖା ଦେଉଛି, ଏକଥା ପ୍ରତ୍ୟେକ ଭାରତୀୟ ଜାଣି ସୁଦ୍ଧା ଆମେ ଆଂଚଳିକ ଦଳମାନଙ୍କ ପ୍ରତି ଆକର୍ଷିତ ହେଉଛେ । ତେବେ ଏଠି ପ୍ରଶ୍ନ ଆସେ, ଦେଶରେ ଏକ ସାମ୍ବିଧାନିକ ପଦବୀ ନିର୍ବାଚନ ଆୟୋଗ ରହିଛି, ଯାହାର ଦେଶର ଜାତୀୟ ସଂହତି ରକ୍ଷା କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନିର୍ବାଚନ ଆୟୋଗ ପାଖରେ ଯେତେବେଳେ ରାଜନୈତିକ ଦଳ ଗୁଡିକ ପଂଜିକରଣ ହେଉଛି, ସେ ଦଳଗୁଡିକ ତାଙ୍କ ଆଭିମୁଖ୍ୟରେ ନିଶ୍ଚିତ ପକ୍ଷେ ଜାତୀୟ ସଂହତି ରକ୍ଷା କରିବା ପାଇଁ ଘୋଷଣା କରୁଥିବେ । ତେବେ ଘୋଷଣା ଦେଇ ଖିଲାପ କରୁଥିବା ରାଜନୈତିକ ଦଳମାନଙ୍କ ପ୍ରତି ନିର୍ବାଚନ ଆୟୋଗ କୋହଳ ମନୋଭାବ ପୋଷଣ କରୁଛନ୍ତି କାହିଁକି ? ଜାତୀୟ ମୁଦା ବା ପ୍ରସଙ୍ଗକୁ ନେଇ ଯେଉଁ ଦଳଗୁଡିକ ଦେଶର କାର୍ଯ୍ୟ କରିବାକୁ ଆଙ୍ଗିକୀର ହେବେ, ସେମାନଙ୍କୁ ହିଁ ନିର୍ବାଚନ ଆୟୋଗ ସୁଯୋଗ ଦେବାର ବିଧିବ୍ୟବସ୍ଥା ଯଦି ସମ୍ବିଧାନ ଅନ୍ତର୍ଗତ ରହିଛି, ତେବେ ଆଜି ରାଜନୈତିକ ଦଳମାନେ ଜାତୀୟ ସଂହତି ପ୍ରତି ଏଭଳି ଖେଳୁଛନ୍ତି କିପରି ? ଏଠାରେ ଆଉ ଏକ ପ୍ରସଙ୍ଗକୁ ଉପସ୍ଥାପନ କରିବାକୁ ଉଚିତ ମଣୁଛି ଯେ ଜଣେ ନିର୍ବାଚନ ଆୟୋଗ ନିଜର ସାମ୍ବିଧାନିକ ପଦବୀରୁ ଅବସର ନେବା ମାତ୍ରେ ତାଙ୍କୁ ରାଜ୍ୟପାଳ ଭଳି ଆଉ ଏକ ପଦବୀ ମିଳୁଛି କିପରି ? ବୋଧହୁଏ ସେ ତାଙ୍କ ପଦବୀକୁ ଉଚିତ ମାର୍ଗରେ ନେଇ ପାରିଥିବାରୁ ଭାରତ ସରକାର ତାର କାର୍ଯ୍ୟକଳାପରେ ସନ୍ତୋଷ ପ୍ରକାଶ କରି ତାଙ୍କୁ ରାଜ୍ୟପାଳ ଭଳି ଆଉ ଏକ ସାମ୍ବିଧାନିକ ପଦବୀ ଦେବାକୁ ସ୍ଥିର କଲେ । ତେବେ ସେ ଯେଉଁ ଭଲ କାର୍ଯ୍ୟ କରି ପୁରସ୍କୃତ ହେଲେ ତାହା ଦେଶବାସୀ ଜାଣିବାର ଆବଶ୍ୟକ ଥିବା ବେଳେ ଆମ ଲୋକାଭିମୁଖି ସରକାର ଆଜିଯାଏ ତା ଲୋକଲୋଚନକୁ ଆଣି ନାହାନ୍ତି । କିଛି ଦିନ ତଳେ ଦେଶର ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ବିଚାରପତି ଅବସର ପରେ ତାଙ୍କୁ ସେହିଭଳି ରାଜ୍ୟସଭା ସଭ୍ୟ ଭାବେ ଭାରତ ସରକାର ମନୋନୀତ କରିଛନ୍ତି । ଏଠାରେ ପୂର୍ବସରକାର ଅମଳରେ ଜଣେ ପୂର୍ବତନ ମୁଖ୍ୟବିଚାରପତି ରାଜ୍ୟସଭା ସଦସ୍ୟ ହୋଇଥିବା କୁହାଯାଇ ପାରେ । କିନ୍ତୁ ସେ ନିର୍ବାଚନ ଜିତି ରାଜ୍ୟସଭାକୁ ଯାଇଥିବା ବେଳେ, ଏଠାରେ ତାଙ୍କୁ ପୁରସ୍କୃତ କରାଯାଇଛି । ଯଦିଓ ଏହା ପ୍ରସଙ୍ଗ ଭିତିକ ନୁହେଁ କେବଳ ଆଲୋଚନା ପ୍ରସଙ୍ଗକୁ ଯାଇ ଏଠାରେ ପ୍ରକାଶ ହୋଇଛି । ଦେଶର ଜାତୀୟ ସଂହତି ରକ୍ଷା କରିବା ଆଜି ଏକ ବଡ ପ୍ରସଙ୍ଗ ହୋଇ ଠିଆହୋଇଛି, ନଚେତ ଦେଶର ଗଣତନ୍ତ୍ର ବିପଦରେ ପଡିବାର ସମ୍ଭାବନା ରହିଛି । ଦେଶର ଏକତା ଓ ଅଖଣ୍ଡତା ଦେଶକୁ ବିକାଶ ଦେବ, ଦେଶକୁ ପ୍ରଗତିଶୀଳ ରାଷ୍ଟ୍ରରେ ଗଠନ କରିବ ଏଥିରେ ଦ୍ୱିମତ ହେବାର କାରଣ ନାହିଁ । ଜାତୀୟ ଦଳମାନଙ୍କୁ ଜାତୀୟସ୍ତରରେ ନିର୍ବାଚନ ସୁଯୋଗ ଦେବା ସହ ଜାତୀୟ ସଂହତି ରକ୍ଷା କରିବା ପାଇଁ ରାଜନୈତିକ ଦଳମାନଙ୍କୁ ତାଗିଦା କଲେ ହୁଏତ ଦେଶ ଓ ଜାତିର ମଙ୍ଗଳ ହେବ । ଧର୍ମ, ଜାତି, ଭାଷାକୁ ଗୌଣ କରି ରାଜନୈତିକ ନେତାମାନେ ଯେତେବେଳେ ଦେଶର ଏକତା ଓ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ଜାତୀୟ ସଂହତିକୁ ଗୁରୁତ୍ୱ ଦେବେ, ତେବେ ଭାରତବର୍ଷ ସମୃଦ୍ଧ ହେବ, ଅନ୍ୟ ଯେତେ ପ୍ରକାର ଜନତାକୁ ଭଣ୍ଡାଇ କ୍ଷମତା ହାତେଇବାକୁ ଚେଷ୍ଟା କରିବେ, ତା ଦେଶର ବିପତିକୁ ଟାଣିଆଣିବ ଏଥିରେ ସନ୍ଦେହ ନାହିଁ ।

ସାମ୍ବାଦିକ, ଅନୁଗୋଳ
ମୋ-୯୪୩୭୨୯୦୬୬୨

# ଭାରତ ରତ୍ନ ଗୋବିନ୍ଦ ବଲ୍ଲଭ


ଅକ୍ଷୟ କୁମାର ରାଉତ

ଦିଗ୍‌ବଳୟର ମଧ୍ୟବିନ୍ଦୁରେ ଦଣ୍ଡାୟମାନ ହୋଇ ମଣିଷ ଦେଖେ ପ୍ରକୃତିର ବୈଚିତ୍ର୍ୟ । ସେହି ବୈଚିତ୍ର୍ୟ ମଧ୍ୟରେ ସ୍ୱର୍ଗୀୟ ଶୋଭାର ଭଣ୍ଡାର । ଶ୍ୱେତ ବର୍ଣ୍ଣର ଆସନ ଉପରେ ଉପବେଶନ କରିଥାନ୍ତି ଚିତ୍ ଦେବଦାରୁ, ବୃକ୍ଷରାଜୀ, ବରଫ ପାହାଡ ସବୁଜ ବନାନିର ମଧ ଭାଗରେ ଗିରିଶୃଙ୍ଗ ହିମାଳୟ । ଏହି ସୁଶୋଭିତ ହିମାଳୟ ନିକଟରେ ଅଛି କୋସୀ ନଦୀ । କୋସୀ ନଦୀର ସାମ୍ନାରେ ସାହିଦେବୀ ପାହାଡ, କଟାର ମଲ୍ଲାର ସୂର୍ଯ୍ୟ ମନ୍ଦିର, ତା ନିକଟରେ ଅଛି ଏକ ପୁରୁଣା ଗାଁ ଖୁଣଟ । ଆଜକୁ ପ୍ରାୟ ୧୨୯ ବର୍ଷ ତଳେ ୧୮୮୭ ଅଗଷ୍ଟ ୩୦ ତାରିଖ ଅନନ୍ତବ୍ରତ ଦିନ ( ପର ମୂହୁର୍ତରେ ୧୦ ସେପ୍ଟମ୍ବର ଅନନ୍ତବ୍ରତ ପଡୁଥିବାରୁ ତାଙ୍କର ଜନ୍ମ ଦିନ ୧୦ ସେପ୍ଟମ୍ବର ପାଳନ କରାଯାଏ ) ଏହି ଖୁଣଟ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ପଣ୍ଡିତ ଗୋବିନ୍ଦ ବଲ୍ଲଭ ପନ୍ଥ । ତାଙ୍କ ପିତାଙ୍କ ନାମ ମନୋରଥ ପନ୍ଥ ଓ ମାତା ଗୋବିନ୍ଦ ବାଇ । ସେମାନଙ୍କ ପୂର୍ବ ପୁରୁଷ ଜୟଦେବ ପନ୍ଥ ମହାରାଷ୍ଟ୍ର ନିକଟବର୍ତୀ କୋଙ୍କଣରୁ ତୀର୍ଥ ଦର୍ଶନରେ ଆସି ଗଙ୍ଗାବାଲି କ୍ଷେତ୍ରର ମଣୀକୋଟି ରାଜବଂଶର ରାଜ ଦରବାରରେ ରାଜଜ୍ୟୋତିଷ ଭାବରେ ରହିଗଲେ । କ୍ରମେ ତାଙ୍କର ବଂଶଜମାନେ ରିବାଡି, ଉପରପଡା, ଖୁଣଟ, କୁନଲତା ଓ ଅଲମୋଡାରେ ବସବାସ କଲେ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଜୀବନର ପ୍ରାୟ ସମୟ ଅଲମୋଡାରେ ତାଙ୍କର ମାମୁଁ ଅଜା ପଣ୍ଡିତ ବଦ୍ରିଦତ ଯୋଶୀଙ୍କ ଗୃହରେ କଟିଯାଇଥିଲା । ଅଲମୋଡାର ରାମେସେ ସ୍କୁଲରେ ପ୍ରାଥମିକ ଶିକ୍ଷା କରିଥିଲେ । ଗୋବିନ୍ଦ ସପ୍ତମ ଶ୍ରେଣୀର ଛାତ୍ର, ସେତେବେଳେ ତାଙ୍କର ବୟସ ମାତ୍ର ୧୨ ବର୍ଷ । ଏହି ସମୟରେ ତାଙ୍କ ଅଜା ବଦ୍ରି ଯୋଶୀ ତାଙ୍କର ବିବାହ କାର୍ଯ୍ୟ ସାରିଦେଲେ । ବିବାହର ଅଳ୍ପ ଦିନ ପରେ ମାମୁଁ ଅଜାଙ୍କ ମୃତ୍ୟୁ ଗୋବିନ୍ଦଙ୍କୁ ଅସହ୍ୟ ଦୁଃଖ ଦେଲା । ସେ ଗମ୍ଭୀର ସ୍ୱାଭାବର ହୋଇଗଲେ । ସେ ଅଷ୍ଟମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅତି ସାଧାରଣ ଭାବେ ପାଶ କଲେ । ଦଶମ ଶ୍ରେଣି ପରୀକ୍ଷାରେ ଗୋବିନ୍ଦ ସାରା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସଫଳତାର ସହ ପାଶକଲେ । ଦ୍ୱାଦଶ ଶ୍ରେଣୀରେ ପଢିବା ସମୟରେ ତାଙ୍କର ହୃଦରୋଗ ଆରମ୍ଭ ହୋଇଥାଏ । ମୋରାଦବାଦରେ ଚିକିତ୍ସା ହୋଇ ସୁସ୍ଥ ହେଲେ । ବିନା ପରିଶ୍ରମରେ ଦ୍ୱାଦଶ ଶ୍ରେଣି ପରୀକ୍ଷାରେ ମେରିଟ୍ ତାଲିକାରେ ପାସ୍ କଲେ । ଏହ୍ଲାବାଦର ' ମ୍ୟର ସେନଟ୍ରାଲ କଲେଜ' ରେ ମେକଡାନଲ୍ ହିନ୍ଦୁ ହଷ୍ଟେଲରେ ରହି ପାଠ ପଢା ପଢି କଲେ । ଏହି ଛାତ୍ରବାସଟି ପରବର୍ତ ସମୟରେ ମାଳବ୍ୟ ଛାତ୍ରବାସରେ ପରିଣତ ହେଲା । ଗୋବିନ୍ଦ ୧୯୦୯ ମସିହାରେ ଆଇନ୍ ପରୀକ୍ଷାରେ ସର୍ବପ୍ରଥମ ସ୍ଥାନ ଅଧିକାର କରି 'ଲୁମ୍‌ସଡେନ୍ ସ୍ୱର୍ଣ୍ଣ ପଦକ' ଲାଭ କଲେ ।

ଗୋବିନ୍ଦ ଦିନେ ବଡ ମଣିଷ ହେବାର ଲକ୍ଷଣ ପିଲା ଦିନରୁ ଜଣା ପଡିଥିଲା । ଦିନ ସେ ତାଙ୍କ ଆଈଙ୍କୁ ପଚାରିଲେ ଏ କାଉ ମାନଙ୍କ ରଙ୍ଗ କଳା କାହିଁକି ? ଆଈଙ୍କ ଉତର ଥିଲା ନ୍ତ ଈଶ୍ୱର ଏକ ପ୍ରକର ପ୍ରାଣୀଙ୍କୁ ଏକ ପ୍ରକାର ରଙ୍ଗ ଦେଇ ଗଢିଛନ୍ତି ନ୍ତ । ବାଳକ ଗୋବିନ୍ଦ କହି ପକାଇଲେ-ଗାଈ ମାନେ ତ ଗୋଟିଏ ପ୍ରକାର ପ୍ରାଣୀ ସେମାନଙ୍କର ରଙ୍ଗ କାହିଁକି ଭିନ୍ନ ଭିନ୍ନ ପ୍ରକାରର । ଆଈ କିଛି ଉତର ଦେଇ ପାରି ନଥିଲେ । ଏଥରୁ ସେ ଜଣେ ଚତୁର ଓ ବୁଦ୍ଧିମାନ ଜଣା ପଡିଥିଲା । ସେ ନିଜ ଚେଷ୍ଟାରେ 'ବାଲ୍ କ୍ଲବ' ନାମରେ ଏକ ଅନୁଷ୍ଠାନ ଗଢିଥିଲେ । ପାଠ ପଢିବା ସମୟରେ ସେ ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟର ବହି ପଢିବାକୁ ଭଲ ପାଉଥିଲେ । କ୍ରମେ ସେ ଲେଖା ଲେଖି ଆରମ୍ଭ କଲେ ଓ ହିନ୍ଦି ପତ୍ରିକା ନ୍ତସରସ୍ୱତୀନ୍ତ ରେ ତାଙ୍କ ଲେଖା ଗୁଡିକ ପ୍ରକାଶ ପାଇଲା । ସେ ଏହ୍ଲାବାଦରେ ପଢିବା ସମୟରେ ଏକ ବଡ ଧରଣର ବନ୍ୟା ହୋଇଥାଏ । ଏହି ବନ୍ୟାରେ ଅସହାୟ ଲୋକଙ୍କୁ ସାହାର୍ଯ୍ୟ କରିବା ଓ ଅନ୍ନ ବସ୍ତ୍ର ପ୍ରଦାନ କରିବା କାର୍ଯ୍ୟକ୍ରମରେ ଗୋବିନ୍ଦ ଭାଗନେଲେ । ୧୯୦୫ ମସିହାରେ ବନାରସରେ ହେଉଥିବା କଙ୍ଗ୍ରେସ ଅଧିବେଶନରେ ଗୋବିନ୍ଦ ଯୋଗ ଦେଲେ । ଗୋପାଳ କୃଷ୍ଣ ଗୋଖେଲଙ୍କର ସାରଗର୍ଭକ ଅଭିଭାଷଣ ଗୋବିନ୍ଦଙ୍କୁ ଅତ୍ୟନ୍ତ ପ୍ରଭାବିତ କରିଥିଲା । ସେହି ଦିନଠାରୁ ଗୋବିନ୍ଦ ଗୋଖେଲଙ୍କୁ ତାଙ୍କର ରାଜନୈତିକ ଗୁରୁ ଭାବରେ ଗ୍ରହଣ କରି ନେଇଥିଲେ । ଆଇନ ପାଠ ଶେଷ କରି, ଗୋବିନ୍ଦ ବଲ୍ଲଭ ଅଲମୋଡାଠାରେ ଓକିଲାତି ବ୍ୟବସାୟ ଆରମ୍ଭ କଲେ । ଅଲମୋଡାର ଅହଂକାରୀ ଇଂରେଜ ବିଚାରପତିଙ୍କ ସହ ତର୍କ ବିତର୍କ ହେବାରୁ, ଗୋବିନ୍ଦ ବଲ୍ଲଭ ଅଲମୋଡା ଛାଡି କାଶିପୁରଠାରେ ଆଇନ ବ୍ୟବସାୟ ଆରମ୍ଭ କରି ବହୁ ପ୍ରସିଦ୍ଧ ଲାଭ କଲେ । ୧୯୦୮ ମସିହାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା । ଅଳ୍ପ ଦିନ ପରେ ପୁଅଟି ମରିଗଲା, କିଛି ଦିନ ଅନ୍ତରରେ ତାଙ୍କର ପତ୍ନୀଙ୍କ ସ୍ୱର୍ଗବାସ ହୋଇଗଲେ । ତେଣୁ ସେ ୩୦ ବର୍ଷ ବୟସରେ ଦ୍ୱିତୀୟ ବିବାହ କଲେ । କାଶିପୁରଠାରେ ସେ ବାପା, ମା, ସ୍ତ୍ରୀ, ଭଉଣୀ ଓ ଭୀଣୋଇଙ୍କ ସହ ଏକାଠି ସୁଖରେ ବହୁ ଦିନ କଟାଇଥିଲେ । ହଠାତ୍ ଦିନେ ତାଙ୍କ ପିତା ହଇଜା ରୋଗରେ ୪୪ ବର୍ଷ ବୟସରେ ଅକାଳ ମୃତ୍ୟୁବରଣ କଲେ । ତେଣୁ ପରିବାରର ସମସ୍ତ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହେଲା । ପନ୍ଥଜୀ କାଶିପୁରଠାରୁ ନୈନିତାଲ ପର୍ଯ୍ୟନ୍ତ ଭଲ ସୁନାମ ଅର୍ଜନ କରିଥିଲେ । ଏହା ପରେ ସେ ସାହିତ୍ୟ, ଶିକ୍ଷା ଓ ରାଜନୀତିରେ ସକ୍ରିୟ ଭାଗ ନେବାକୁ ଲାଗିଲେ । ତାଙ୍କର ସାହିତ୍ୟ ପ୍ରତି ଆଗ୍ରହ ଯୋଗୁ ସେ କାଶିପୁରଠାରେ 'ପ୍ରେମ ସଭା' ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଠନ କରିଥିଲେ । ଏ ଅନୁଷ୍ଠାନ ଦିନେ କାଶିପୁର ଅଚଂଳରେ ଜନ ଆନ୍ଦୋଳନ ସୃଷ୍ଟି କରିଥିଲା । ପନ୍ଥଜୀଙ୍କ ଉଦ୍ୟମରେ କାଶିପୁରଠାରେ 'ଉଦୟବୀର ରାଜ ହିନ୍ଦୁ ଉଚ୍ଚ ବିଦ୍ୟାଳୟ' ପ୍ରତିଷ୍ଠା କରିଥିଲା । ପନ୍ଥଜୀ କାଶିପୁର ବିଜ୍ଞାପିତ ଅଚଂଳ ପରିଷଦର ସଭ୍ୟ ଥିଲା ବେଳେ ଶିକ୍ଷାକୁ ବିନା ବେତନରେ ବାଧ୍ୟତାମୂଳକ କରାଇଥିଲେ । ନୈନିତାଲାରେ ପନ୍ଥଜୀ ପାର୍ବତୀୟ ଅଚଂଳର ବିକାଶ ଲାଗି ' କୁମାୟୁନ୍ ପରିଷଦ' ନାମରେ ଏକ ସଂଗଠନ କରିଥିଲେ । ଏହି ସଂଗଠନ ମାଧ୍ୟମରେ ବେଠି-ବେଗାରୀ, କୁଲିଗିରି ଓ ଭୂମିହିନ ଶ୍ରମିକମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଜାରି ରଖିଥିଲେ । ବଦ୍ରୀଦତ ପାଣ୍ଡେ ଓ ପନ୍ଥଜୀଙ୍କ ଉଦ୍ୟମ ଯୋଗୁ କୁମାୟୁନର ଲୋକମାନେ ଶୋଷଣରୁ ମୁକ୍ତ ହେଲେ । ୧୯୧୮ ମସିହା ଦିପାବଳୀ ଦିନ 'ଶକ୍ତି' ନାମରେ ଏକ ସମ୍ବାଦପତ୍ର ପ୍ରକାଶ କଲେ ।ଏହି ଶକ୍ତି ଏବେବି ଉଜ୍ଜଳ ଦ୍ୱୀପ ପରି ଆଲୋକ ପ୍ରଦାନ କରୁଛି । କଂଗ୍ରେସ ଭିତରେ 'ସ୍ୱରାଜ ପାର୍ଟି' ନାମରେ ଏକ ନୂଆ ଦଳ ଗଢିଲେ ଚିତରନ ଦାସ ଓ ମୋତିଲାଲ ନେହେରୁ । ପନ୍ଥଜୀ ଏହାର ସମ୍ବିଧାନ ପ୍ରସ୍ତୁତିରେ ସକ୍ରିୟ ଭାଗ ନେଇଥିଲେ । 'ସାଇମନ କମିଶନ' ଙ୍କୁ ବିରୋଧ କରି ପାବ କେଶରୀ ଲାଲା ଲଜପତ୍ ରାୟ ପୋଲିସର ନିର୍ମମ ଲାଠିମାଡରେ ଦେହାନ୍ତ ହୋଇଗଲା । ଲକ୍ଷ୍ନୌରେ ପଣ୍ଡିତ ନେହେରୁ ଓ ପନ୍ଥଜୀ ଏହା ବିରୋଧ କରି ଲାଠି ମାଡ ଖାଇଲେ । ଏହି ମାଡରେ ତାଙ୍କର ପିଠି ହାଡ ଜଖମ ହୋଇଗଲା । ପନ୍ଥଜୀ ନେହେରୁଙ୍କୁ ଲାଠି ମାଡରୁ ଉଦ୍ଧାର କରିଥିବାରୁ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବନ୍ଧୁତ୍ୱ ସୃଷ୍ଟି ହେଲା । ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ମେ ୨୫ ତାରିଖରେ ନୈନିତାଲରେ ଲୁଣ ତିଆରି କରି ଲବଣ ଆଇନ ଭଙ୍ଗ କରିବା ପୂର୍ବରୁ ପନ୍ଥଜୀ ଗିରଫ ହୋଇ ୬ ମାସ ଜେଲ ଦଣ୍ଡ ଭୋଗ କଲେ । ସେ ଭବାଲିରେ ଏକ ବଙ୍ଗଳାଟିଏ କରି ସେଠାରେ କିଛି ଦିନ କଟାଇଥିଲେ । ସେଠାରେ ତାଙ୍କର ଏକ ପୁତ୍ର ଜନ୍ମ ହେଲା ଯାହାର ନାମ କୃଷ୍ଣଚନ୍ଦ୍ର(ରାଜା) ପନ୍ଥ । ତାପରେ ତାଙ୍କରେ ୨ ଟି କନ୍ୟା ହୋଇଥିଲା । ୧୯୩୪ ମସିହାରେ ପନ୍ଥଜୀ କେନ୍ଦ୍ରୀୟ ବିଧାନସଭାର ସଭ୍ୟ ଭାବେ ନିର୍ବାଚିତ ହେଲେ । ୧୯୩୭ ମସିହାରେ କଂଗ୍ରେସ ନେତୃତ୍ୱରେ କେତେକ ରାଜ୍ୟରେ ସରକାର ଗଢା ହେଲା । ଯୁକ୍ତ ପ୍ରଦେଶ( ଉତର ପ୍ରଦେଶ)ରେ ପନ୍ଥଜୀଙ୍କ ନେତୃତ୍ୱରେ ମନ୍ତ୍ରୀମଣ୍ଡଳ ଗଠନ ହେଲା । ଜୁଲାଇ ୧୭ ତାରିଖରେ ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ । ଦ୍ୱିତୀୟ ମହାଯୁଦ୍ଧରେ କଂଗ୍ରେସ ଅସହଯୋଗ କରିବା ପାଇଁ ସ୍ଥିର କଲା । ତେଣୁ ସବୁ ରାଜ୍ୟର କଂଗ୍ରେସ ସରକାର ଇସ୍ତଫା ଦେଇଦେଲେ । ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । ସେ ଗିରଫ ହୋଇ ଏକ ବର୍ଷ ଜେଲ ଦଣ୍ଡ ଭୋଗ କଲେ । ମୁସ୍‌ଲିମ୍ ଲିଗ୍ ଦଳ ହିଂସା ପଥକୁ ଆଦରି ନେଇଥିଲା । ୧୯୪୬ ମସିହାରେ ମୁସ୍‌ଲିମ୍ ଲିଗ୍ ଦଳ ଅଗଷ୍ଟ ୧୬ ତାରିଖରେ ସିଧା ମୁକାବିଲା ଦିବସ ପାଳନ କରିବାରୁ ଦେଶରେ ହିଂସାକାଣ୍ଡ ବ୍ୟାପିଗଲା । କେବଳ କଲିକତାରେ ଦଶ ହଜାର ଲୋକ ମଲେ । ୧୯୪୭ ମସିହା ଜୁନ ୧୪ ତାରିଖରେ ପନ୍ଥଜୀ ଦେଶ ବିଭାଜନ ପ୍ରସ୍ତାବ ଆଗତ କଲେ, ଅଖିଳ ଭାରତୀୟ କଂଗ୍ରେସ କମିଟି ବାଧହୋଇ ଦେଶ ବିଭାଜନ ସିଦ୍ଧାନ୍ତକୁ ମାନିନେଲା । ଭାରତ ସ୍ୱାଧୀନ ହେଲା । ପନ୍ଥଜୀ ଯୁକ୍ତ ପ୍ରଦେଶର ମୁଖ୍ୟମନ୍ତ୍ରୀ ହେଲେ । ୧୯୩୭ ମସିହା ମନ୍ତ୍ରୀମଣ୍ଡଳରେ ଯେଁଉମାନେ ଥିଲେ ସେମାନଙ୍କୁ ମଧ ଏହି ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଲେ । ପନ୍ଥଜୀ ଯୁକ୍ତ ପ୍ରଦେଶର ନାମ ଉତର ପ୍ରଦେଶ ଦେଇଥିଲେ । ୧୯୫୫ ମସିହା ଜାନୁଆରୀ ୧୦ ତାରିଖରେ ସେ କେନ୍ଦ୍ରରେ ଗୃହମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କଲେ । ସେ ଥିଲେ ଦିଗଦ୍ରଷ୍ଟା, ଦୂରଦ୍ରଷ୍ଟା ସଂପର୍ଣ୍ଣା ସବୁ ଧର୍ମକୁ ଭଲ ପାଉଥିବା ମଣିଷ । ତାଙ୍କର ମହାନ ଦକ୍ଷତା ପାଇଁ ୧୯୫୭ ମସିହା ଜାନୁଆରୀ ୨୬ ତାରିଖ ଗଣତନ୍ତ୍ର ଦିବସରେ ତାଙ୍କୁ ଦେଶର ସର୍ବୋଚ୍ଚ ସମ୍ମାନ ' ଭାରତରତ୍ନ' ଉପାଧି ପ୍ରଦାନ କରାଯାଇଥିଲା । ୧୯୬୧ ମସିହା ମାର୍ଚ୍ଚ ୭ ରାତିଖରେ ପନ୍ଥଜୀ କୋଟି କୋଟି ଦେଶବାସୀଙ୍କୁ ଶୋକସାଗରରେ ଭସାଇ ଦେଇ ସ୍ୱର୍ଗାରୋହଣ କଲେ । ସେ ଥିଲେ ନବ ଭାରତର ନିର୍ମାତା, ତାଙ୍କର ନାମ ଶ୍ରଦ୍ଧା ଓ ଆଦରରେ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଲିପିବଧ ହୋଇ ରହିବ ।

ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ଦୂରଭାଷ-୯୯୩୭୬୯୧୪୭୫




# ବିନ୍ଦୁ ସାହିତ୍ୟ ତରଫରୁ କବିତା ପାଠୋତ୍ସବ




ଭୁବନେଶ୍ୱର : ବିନ୍ଦୁ ସାହିତ୍ୟ ସମାଜ ତରଫରୁ ଡ୍ୱେବନାର ମାଧ୍ୟମରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆସରକୁ ବିନ୍ଦୁ ସାହିତ୍ୟ ସମାଜର ସଭାପତି ଶ୍ରୀ ବାଉରୀବନ୍ଧୁ ଲେଙ୍କା ଉଦ୍‌ଘାଟନ କରିଥିଲେ। କବି ସୁଜାତା ମହାପାତ୍ର ଓ କବୀ ସୁମତା ବେହେରାଙ୍କ ଦ୍ୱାରା ସୁଦକ୍ଷ ସଂଚାଳନାରେ ଅନୁଷ୍ଠିତ ଏହି ଆସରର ପ୍ରାରମ୍ଭରେ ଆବାହନୀ ସଙ୍ଗୀତ ଗାନ କରିଥିଲେ କବୀ ନିବେଦିତା ନନ୍ଦ। ଉଦ୍‌ଘାଟନୀ ଅଭିଭାଷଣରେ ସଭାପତି ଶ୍ରୀ ଲେଙ୍କା କରୋନା ମହାମାରି ସମୟରେ ବିନ୍ଦୁର ଏଭଳି ପ୍ରୟାସକୁ ସାଧୁବାଦ ଦେଇଥିଲେ ଓ ଉପସ୍ଥିତ ସମସ୍ତ କବି ଓ କବୟତ୍ରୀଙ୍କୁ ସ୍ୱାଗତ କରିଥିଲେ। ସଭାରେ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ମିଶ୍ରଙ୍କ ଶୁଭେଚ୍ଛା ବାର୍ତ୍ତା ପାଠ କରାଯାଇଥିଲା। ଏହାପରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କବିତା ପାଠୋତ୍ସବରେ ଅନ୍ୟମାନଙ୍କ ମଧ୍ୟରେ, କବି ପ୍ରତାପ ଚନ୍ଦ୍ର ବେହେରା, ଆଶାଲତା ପାଣ୍ଡବ, ଡ଼. ଶଶିଭୁଷଣ ମହାପାତ୍ର, ବାଉରୀବନ୍ଧୁ ଲେଙ୍କା, ସୁଜାତା ମହାପାତ୍ର, ପାରମିତା ଷଡ଼ଙ୍ଗୀ, ବି.ସୁନନ୍ଦା ମହାପାତ୍ର, ଉର୍ମିଳା ଦାସ, ପଙ୍କଜିନୀ ଉପାଧ୍ୟାୟ, ରଜୀତ ଦାସ, ଶୁଭବ୍ରତ ମହାପାତ୍ର, ସୁଜାତା ମହାପାତ୍ର, ବିଧୁଭୂଷଣ ତ୍ରିପାଠୀ, ରାଧା ମୋହନ ପାଣିଗ୍ରାହୀ, ଅଦ୍ୱୈତ କୁମାର ପଣ୍ଡା, ଅମ୍ବିକା ସ୍ୱାଇଁ, କେ.ବିପ୍ଳବ, ସିଦ୍ଧି ପ୍ରସାଦ ସାହୁ, ଡ଼. ସତ୍ୟଦାଶ, ଚକ୍ରଧର ରଥ, ସବ୍ୟସାଚୀ ବିଶୋୟୀ, ରଶ୍ମିମୟୀ ପତି, ସସ୍ମିତା ମହାନ୍ତି ଓ ଅରୁଣ କୁମାର ବିଶ୍ୱାଳଙ୍କ ସମେତ ଦେଶର ବିଭିନ୍ନ ପ୍ରାନ୍ତରରୁ ଶତାଧିକ କବି ଯୋଗ ଦେଇଥିଲେ।କବିତା ଗୁଡ଼ିକ ବହୁତ ସୁନ୍ଦର ଭାବେ ସମୀକ୍ଷା କରିଥିଲେ କବୀ ପାରମିତା ଷଡଙ୍ଗୀ। ସଭାଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡ଼. ଶଶିଭୁଷଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଖଟଲାପଦର ମଣ୍ଡିର ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ

ଜୟପୁର: ଜୟପୁର ଉପଖଣ୍ଡର ଖଟଲାପଦର ମଣ୍ଡିରେ ପଞ୍ଜିକୃତ କରିଥିବା ଚାଷୀ ଜିଲା ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ। ଜିଲା ଯୋଗାଣ ଅଧିକାରୀଙ୍କ ଅନୁପସ୍ଥିତିରେ ସହକାରି ଜିଲା ଯୋଗାଣ ଅଧିକାରୀ ରବି ନାରାୟଣ ନନ୍ଦଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଚାଷୀମାନେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକୃତ କରିଛନ୍ତି। ସେମାନଙ୍କୁ ଟୋକନ ମଧ୍ୟ ମିଳିଛି । ଟୋକନ ମିଳି ୧୨ରୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ମିଲ ମାଲିକମାନେ ଗାଡ଼ି ପଠାଇ ନିଜର ଧାର୍ଯ୍ୟ ପରିମାଣର ଧାନ ଉଠାଇ ନାହାଁନ୍ତି। ଚାଷୀ ପାଇଥିବା ଟୋକେନ ଅବଧି ସରିଯାଇଛି। ଫଳରେ ଉତ୍ୟକ୍ତ ଚାଷୀମାନେ ମଣ୍ଡିରେ ପାଟିତୁଣ୍ଡକରି ଏସଏଚଜି ଓ ମଣ୍ଡି କମିଟିର ସଦସ୍ୟ ମାନଙ୍କ ସହିତ ଆଲୋଚନା କରି ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି। ତେଣୁ ଯୋଗାଣ ବିଭାଗ ଖଟଲାପଦର ମଣ୍ଡିର ସମସ୍ତ ଚାଷୀଙ୍କ ଧାନ ଉଠାଯାଉ । ନଚେତ ସମସ୍ତ ଚାଷୀ ରାଜରାସ୍ତାକୁ ଓହ୍ଲାଇବାକୁ ସତ୍ୟ ବାନ ପାଣିଗ୍ରାହୀ, ସନ୍ତୋଷ କୁମାର ସାହୁ, ମାଧବ ଗାଧବା ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ରାହୁଲଗାନ୍ଧୀଙ୍କ ଜନ୍ମଦିନରେ ଅସହାୟଙ୍କ ସହ ସମୟ କାଟିଲା ମତ୍ସ୍ୟଜୀବୀ କଂଗ୍ରେସ



କେନ୍ଦ୍ରାପଡ଼ା:ଅଖିଳ ଭାରତ କଂଗ୍ରେସ କମିଟି ପୂର୍ବତନ ସଭାପତି ରାହୁଲ ଗାନ୍ଧୀଙ୍କ ୫୧ ତମ ଜନ୍ମଦିନକୁ ଅସହାଙ୍କ ସେବାରେ ସମୟ କାଟିଛି ରାଜ୍ୟ ମତ୍ସ୍ୟଜୀବୀ କଂଗ୍ରେସ। ମତ୍ସ୍ୟଜୀବୀ କଂଗ୍ରେସର ରାଜ୍ୟ ସଭାପତି ତଥା ଅଖିଳ ଭାରତ କଂଗ୍ରେସ କମିଟି ସଭ୍ୟ ହଳଧର ସେଠୀ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଅନୁସୂଚିତ ଜାତି ସାହିରେ ବାସ କରୁଥିବା ଅସହାୟ ଦଳିତ ପରିବାର ସଦସ୍ୟଙ୍କୁ ତୁଣ୍ଡି, ବିଶୋଧକ, ସାବୁନ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏହାପରେ ଶ୍ରୀ ସେଠୀ ଆୟବା ପଞ୍ଚାୟତରେ ରହୁଥିବା ଅସହାୟମାନଙ୍କୁ ତୁଣ୍ଡି, ବିଶୋଧକ ଓ ସାବୁନ ବଣ୍ଟନ କରିଥିଲେ। ଏହି ଦୁଇଟି ଯାକ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ ପଛୁଆବର୍ଗ ଉପସଭାପତି ଫକୀର ଚରଣ ଖଟୁଆ, ଜିଲା ପଛୁଆବର୍ଗ କଂଗ୍ରେସ ସଭାପତି ବିଧୁଭୂଷଣ ମହାପାତ୍ର, ଭରତପୁର ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତ, ଯୁବନେତା ଭାଗିରଥୀ ମଲ୍ଲିକ, ଜିଲା ମତ୍ସ୍ୟଜୀବୀ କଂଗ୍ରେସ ସଭାପତି କ୍ଷୀରୋଦ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ଭଦ୍ର ପ୍ରମୁଖ ଉପସ୍ଥିତ ରହି ବଣ୍ଟନ କାର୍ଯ୍ୟରେ ସହାୟତା କରିଥିଲେ। ଏହି ଅବସରରେ ଶ୍ରୀ ସେଠୀ ଗଣମାଧ୍ୟମକୁ କହିଲେ ମହାମାରୀ କରୋନା ଯୋଗୁ ରାହୁଲ ଗାନ୍ଧୀ ତାଙ୍କ ଜନ୍ମଦିନ ପାଳନ ନ କରିବାକୁ ନିଷ୍ପତ୍ତି ନେବା ସହ କରୋନା ପିଡିତ ଅସହାୟ ବ୍ୟକ୍ତି ଓ ପରିବାରବର୍ଗଙ୍କୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲେ। ତାଙ୍କରି ପରାମର୍ଶରେ ଏହି କାର୍ଯ୍ୟକ୍ରମ ହୋଇଥିଲା ବୋଲି ସେ କହିଛନ୍ତି।

## ରାସ୍ତା ଅବସ୍ଥା ବ୍ୟପର୍ଯ୍ୟସ୍ତ ନେଇ ତେଜୁଛି ଜନ ଅସନ୍ତୋଷ

ଭଦ୍ରକ: ଧାମନଗର ବ୍ଲକର ଦୋବଲ ସ୍ଥିତ ଗେଙ୍ଗୁଟି ନଦୀର ଡ଼ାହାଣପଟ ନନ୍ଦୀବନ୍ଧରେ ରାସ୍ତାଅବସ୍ଥା ବିପର୍ଯ୍ୟସ୍ତ ନେଇ ସ୍ଥାନୀୟ ଅଂଚଳର ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଥାଉକି ନଦୀବନ୍ଧ ସୁଦୃଢ଼ିକରଣରେ ଏବେ କୋଟି କୋଟି ଟଙ୍କା ଅର୍ଥ ବ୍ୟୟବରାଦ କରାଯାଇଥିବାବେଳେ କାର୍ଯ୍ୟର ମନ୍ଥରତା ଯୋଗୁ ଲୋକମାନେ ଯାତାୟତରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରକାଶ ଥାଉକି ୨୦୧୯ ମସିହାରେ ଏହି ନଦୀବନ୍ଧକାର୍ଯ୍ୟ ଗେଙ୍ଗୁଟିନଦୀବନ୍ଧର ନନ୍ଦୀପୁର ଠାରୁ କଂଟିଦୋଳ ପର୍ଯ୍ୟନ୍ତ ସୁଦୃଢ଼ି କରଣ ନିମନ୍ତେ ପ୍ରାୟ ୭କୋଟି ଟଙ୍କା ବ୍ୟୟବରାଦ ହୋଇଥିବାବେଳେ କେତେକ ସ୍ଥାନରେ କାର୍ଯ୍ୟର ଅଧାପନ୍ତରିଆ ଥିବାରୁ ସାମାନ୍ୟ ବର୍ଷାରେ ଜାତାୟତରେ ବ୍ୟାଘାତ ସୃଷ୍ଟି ହେଉଛି। ନଦୀବନ୍ଧର ମାଟି ଓ ବାଲି ପଡ଼ିଥିବାରୁ ଏବେ ଲଘୁଚାପଜନିତ ବର୍ଷା ଯୋଗୁ ରାସ୍ତାଟି ସମ୍ପୂର୍ଣ୍ଣ ଭାବରେ କାଦୁଅ ହୋଇଯାଉଛି। ତାହା ଭିତରେ ମଧ୍ୟ ଟ୍ରାକ୍ଟର ଗୁଡ଼ିକ ଅହରହ ଚାଲିବାରୁ ରାସ୍ତାର ଅବସ୍ଥା ଆହୁରି ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସମୟରେ କୌଣସି ଜରୁରି କାଳିନ ସେବା ଗାଡ଼ି ଉକ୍ତ ଅଂଚଳକୁ ଜିବାପାଇଁ କଷ୍ଟକର ହୋଇପଡୁଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗୀୟଯନ୍ତ୍ରୀ କିଶୋର ଦାସ କୁହନ୍ତି କାର୍ଯ୍ୟ ବିଳମ୍ବରେ ଆରମ୍ଭ ହେଇଥିବାବେଳେ କରୋନା କଟକଣା ସାଂଗକୁ ବାତ୍ୟା, ବନ୍ୟା ଓ ବର୍ଷାର ପ୍ରତିକୂଳ ପାଗଯୋଗୁ କାର୍ଯ୍ୟକରିବାରେ ବିଳମ୍ବ ଘଟୁଛି। ଅପରପକ୍ଷେ କେତେକ ସ୍ଥାନରେ ଲୋକମାନେ ଜାଗା ଛାଡୁନଥିବରୁ କାର୍ଯ୍ୟ କରିବାରେ ମଧ୍ୟ ବ୍ୟାଘାତ ସୃଷ୍ଟି ହେଉଛି ବୋଲି ଶ୍ରୀ ଦାସ କହିଥିଲେ।

# ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ପ୍ରକଳ୍ପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିସି ମାଧ୍ୟମରେ ଭିତି ପ୍ରସ୍ତର ସ୍ଥାପନ

ଭଦ୍ରକ: ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଉପଲକ୍ଷେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲିକୁଇଡ ମେଡିକାଲ ଅକ୍ସିଜେନ (୬ କେଏଲ) ସଂରକ୍ଷଣ ଓ ବଂଟନ ବ୍ୟବସ୍ଥା, ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (୮୩୩ ଏଲପିଏମ)ର ଉତ୍ପାଦନ ଓ ବଂଟନ ବ୍ୟବସ୍ଥା ସହିତ ଜିଲ୍ଲା ଭଣ୍ଡାରିପୋଖରୀ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ, ଧାମନଗର ବ୍ଲକ ଅନ୍ତର୍ଗତ ସୋହଡ଼ା ସ୍ୱାସ୍ଥ୍ୟ ଉପକେନ୍ଦ୍ର, ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଆରଡ଼ି ସ୍ଥିତ ଉପକେନ୍ଦ୍ର, ଧୂଷୁରୀ ସ୍ୱାସ୍ଥ୍ୟକେନ୍ଦ୍ରର ପ୍ରସୂତି କକ୍ଷ, ମତୋ ଠାରେ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କେନ୍ଦ୍ର ସଂପ୍ରସାରଣ ଆଦି ୭ଟି ପ୍ରକଳ୍ପର ଭିତି ପ୍ରସ୍ତର ସ୍ଥାପନ କରିଛନ୍ତି। ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଗେଲପୁର ସ୍ଥିତ ନବ ନିର୍ମାଣାଧୀନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରାଙ୍ଗଣରେ କୋଭିଡ଼ କଟକଣା ମଧ୍ୟରେ ଅନୁଷ୍ଠିତ ଉତ୍ସବରେ ଏହା ସମ୍ପନ୍ନ ହୋଇଥିଲା। ଏହି ଅବସରରେ ରାଜ୍ୟ ସରକାର ଜିଲ୍ଲା ତଥା ରାଜ୍ୟର ସ୍ୱାସ୍ଥ୍ୟ ସମ୍ପଦକୁ ଅଧିକ ଗୁରୁତ୍ୱ ପ୍ରଦାନ କରିବା ସହିତ ଏଥିନିମନ୍ତେ ବହୁ ଉନ୍ନୟନ ପଦକ୍ଷେପ ନେଉଥିବା ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକର ସାଂସଦ ମଞ୍ଜୁଲତା ମଣ୍ଡଳ, ଭଦ୍ରକର ମାନ୍ୟବର ବିଧାୟକ ସଂଜିବ ମଲ୍ଲିକ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତଙ୍କ ସମେତ ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମଧୁସୂଦନ ଦାସ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ଉପଜିଲ୍ଲାପାଳ ପୀତାମ୍ବର ସାମଲଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ମାଲକାନଗିରି ଜିଲ୍ଲାରୁ ୭୫ ଜଣ କରୋନା ସଂକ୍ରମିତ ଚିହ୍ନଟ

ମାଲକାନଗିରି : ମାଲକାନଗିରି ଜିଲ୍ଲାର ୭ ଟି ବ୍ଲକ ସହ ବାଲିମେଳା ବିଜ୍ଞାପିତ ଅଂଚଳ ଓ ମାଲକାନଗିରି ପୌରାଂଚଳରୁ ଆଜି ନୂତନ ଭାବେ ୭୫ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଏଥିସହ ଜିଲ୍ଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୭୮୦ ରେ ପହଂଚିଛି ।ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ୯୧୧୪ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି ।ଏବେ ଜିଲ୍ଲାରେ ୬୩୦ଟି ସକ୍ରିୟ ମାମଲା ରହିଛି ।ଜିଲ୍ଲାରେ କାରୋନାରେ ଆକ୍ରାନ୍ତ ହୋଇ ଆଜି ଦୁଇ ଜଣ ମୃତ୍ୟୁ ବରଣ କରିଛନ୍ତି ।ଏଥିସହ ମୃତ୍ୟୁ ସଂଖ୍ୟା ୩୬ କୁ ବୃଦ୍ଧି ପାଇଛି ।ଆଜି ଚିହ୍ନଟ ମାନଙ୍କ ଭିତରୁ ଯେଉଁ ମାନେ ଗୁରୁତର ଅଛନ୍ତି ତାଙ୍କୁ କୋଭିଡ ମେଡିକାଲ କୁ ପଠାଯାଇଥିବାବେଳେ ସାମାନ୍ୟ ଆକ୍ରାନ୍ତଙ୍କୁ ଗୃହ ସଂଗରୋଧରେ ରଖାଯାଇଛି ।ମାଲକାନଗିରି ପୌରାଂଚଳର ୱାର୍ଡ ନମ୍ବର ୧୨ କୁମୁଟିଗୁଡା, ୱାର୍ଡ ନମ୍ବର ୧୨ ଭେଟେନାରୀ ସାହି, ୱାର୍ଡ ନମ୍ବର ୧୬ ଏମଭି ୨, ଓ ୱାର୍ଡ ନମ୍ବର ୧୩ ଆରକେ ଟାୱାର ରୁ ୪ ଜଣ ଚିହ୍ନଟ ହୋଇଛନ୍ତି ।ସେହିପରି ମାଲକାନଗିରି ବ୍ଲକର ଚାଲାଣଗୁଡା, ପେଡାକୋଣ୍ଡା, ପଦ୍ମଗିରି, ପାଣ୍ଡ୍ରିପାଣି ଓ ତଣ୍ଡାପାଲି ପଂଚାୟତରୁ ୬ ଜଣ। କୋରୁକୋଣ୍ଡା ବ୍ଲକର ଚିତାପାରୀ -୩, କୋରୁକୋଣ୍ଡା, ତୁମଶାପାଲି, ପୁରୁଣା ଚିମଟାପାଲି ଓ ନୀଳାକାମ୍ବେରୁ ପଂଚାୟତରୁ ୧୨ ଜଣ ।ମାଥିଲି ବ୍ଲକର ଚେଡେଙ୍ଗା, ମାଥିଲି, ଧୁଙ୍ଗିଆପୁଟ ଓ ଚାଉଳମେନ୍ଦି, ପଂଚାୟତ ରୁ ୮ ଜଣ ।ଖଇରପୁଟ ବ୍ଲକର କୁଡୁମୁଲୁଗୁମା, ରାସବେଡା ଓ କଦମଗୁଡା ପଂଚାୟତରୁ ୬ ଜଣ ।କାଲିମେଳା ବ୍ଲକ ର କାଲିମେଳା, ବଡିଗାଟା, ଭୁବନପାଲି, ମହାରାଜପାଲି, ମାନ୍ୟମକୋଣ୍ଡା, ନାଲଗୁଣ୍ଡି, ଟିଗଲ, ଭେଙ୍କଟପାଲମ, ଗମ୍ପାକୋଣ୍ଡା, ମାଲାବରମ ଓ ତାଣ୍ଡବାଇ ପଂଚାୟତରୁ ୩୦ଜଣ ।ପଡିଆ ବ୍ଲକର ପଡିଆ ଉଣ୍ଡରୁକୋଣ୍ଡା ଓ ପଡିଆ ପଂଚାୟତରୁ ୭ ଜଣ ଓ ଚିତ୍ରକୋଣ୍ଡା ବ୍ଲକ ର ଚିତ୍ରକୋଣ୍ଡା ପଂଚାୟତରୁ ୨ ଜଣ ଚିହ୍ନଟ ହୋଇଛନ୍ତି । ଚିହ୍ନଟ ସମସ୍ତେ କ୍ଲିନିକାଲ ରିଫେର ପରେ ସଂକ୍ରମିତ ଥିବା ଜଣାପଡିଥିଲା ।

# ନିର୍ମାଣାଧିନ ମଲ୍ଲିମାହାରା ଏସ୍‌କେପ୍‌କୁ ବିଧାୟକଙ୍କ ପରିଦର୍ଶନ

ଭଦ୍ରକ : ଧାମନଗର ଏକ ବନ୍ୟା ପ୍ଲାବିତ ଅଂଚଳ। ସାମାନ୍ୟ ବର୍ଷାହେଲେ ବ୍ଲକର ପ୍ରାୟ ୨୬ଟି ପଂଚାୟତ ଜଳମଗ୍ନ ହୋଇଯାଏ ଏବଂ ବ୍ୟାପକ ଧନଜୀବନ ମଧ୍ୟ ନଷ୍ଟ ହୋଇଥାଏ। ଧାମନଗର ଅଂଚଳରେ ବନ୍ୟାର ମୁଖ୍ୟକାରଣ ୫ଟି ଏସ୍‌କେପ୍ ବା ସରକାରୀ ଘାଇ। ଏହା ଦ୍ୱାରା ସାମାନ୍ୟ ବର୍ଷାରେ ଏପରି ବନ୍ୟାବିପତି ସୃଷ୍ଟି ହେଉଥାଏ। ଗେଙ୍ଗୁଟି ନଦୀର କନକେଇ, ମଠମାହାରା, ଗାଇଛନ୍ଦା ଏବଂ ବୈତରଣୀ ନଦୀର ମଲ୍ଲିମାହାରା ଓ ଗୌରାଙ୍ଗପୁର ଏହି ୫ଟି ଏସ୍‌କେପ୍ ଦ୍ୱାରା ବନ୍ୟା ଜଳ ବାହାରି ବ୍ଲକର ବିଭିନ୍ନ ପଂଚାୟତର ଚାଷଜମି ଓ ରାସ୍ତାଘାଟ ଜଳମଗ୍ନ ହୋଇଯାଇଥାଏ। ବୈତରଣୀ ନଦୀର ମଲ୍ଲିମାହାରା ଓ ଗୌରଙ୍ଗପୁର ଏସ୍‌କେପ୍ ବନ୍ୟାଜଳରେ ଫଥର ଗୁଡ଼ିକ ଭାସିଜାଇଥିବାରୁ ତା'ର ପୁର୍ଣ୍ଣ ମରାମତି ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ଏହି ଦୁଇଟି ଏସ୍‌କେପ୍ ଗୁଡ଼ିକୁ ପ୍ରାୟ ୬୦ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। ପ୍ରଥମେ ମଲ୍ଲିମାହାରା ଏସ୍‌କେପ୍‌ର ଏହି କାର୍ଯ୍ୟ ଆରମ୍ଭ ହୋଇଛି। ଆଜି ଧାମନଗର ବିଧାୟକ ବିଷ୍ଣୁ ସେଠୀ ଉକ୍ତ କାର୍ଯ୍ୟ ପରିଦର୍ଶନ କରିବାକୁ ଯାଇ ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ବର୍ଷାର ପ୍ରତିକୂଳ ପାଗଯୋଗୁ କାର୍ଯ୍ୟ ଅଗ୍ରଗତି ହୋଇପାରୁନାହିଁ। କିଛିକାର୍ଯ୍ୟ ଆରମ୍ଭ ପରେ ତା'ର ମାନ ଠିକ୍ ହେଉଛିକିନାହିଁ ଜଣାପଡ଼ିବ ଏହି କାର୍ଯ୍ୟ ତଦାରଖ ପାଇଁ ମଧ୍ୟ ବିଜେପିର କର୍ମୀମାନେ ଉପସ୍ଥିତ ରହି କାର୍ଯ୍ୟଦେଖିବେ। ତେବେ ଯୁଦ୍ଧ୍ୟକାଳିନ ଭତିରେ କାର୍ଯ୍ୟ ଶେଷ କରିବାପାଇଁ ବିଧାୟକ ଶ୍ରୀ ସେଠୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌କେପ୍‌ର ଚଟାଣଗୁଡ଼ିକ ଓ ୱାଲକୁ ଏକଫୁଟ ଲେଖାଏଁ ଉଚ୍ଚତା କରିବା ସହିତ ଏସ୍‌କେପ୍ ସମ୍ମୁଖରେ ଜଙ୍ଗଲ ସୃଷ୍ଟି କରିବା ସହିତ ଟିଆରଆର ବନ୍ଧ ନିର୍ମାଣ କଲେ ଛୋଟ ଛୋଟ ବନ୍ୟାରେ ଅଂଚଳକୁ ବନ୍ୟାଜଳ ପ୍ରବେଶ କରିପାରିବ ନାହିଁ ତେବେ କରୋନା କଟକଣା ଉଠିବା ପରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରି ଧାମନଗର ବନ୍ୟାର ସ୍ଥାୟୀ ପ୍ରତିକାର କରିବାପାଇଁ ବିଧାୟକ ଶ୍ରୀ ସେଠୀ ମଧ୍ୟ କହିଥିଲେ। ବିଧାୟକଙ୍କ ପରିଦର୍ଶନ ସମୟରେ ସରପଂଚ ପ୍ରମୋଦ କୁମାର ସୁତାର, ବିଜେପିନେତା ଲକ୍ଷ୍ମୀଧର ପାଣିଗ୍ରାହୀ, ବିରେନ୍ଦ୍ର ଜେନା, ରମେଶଚନ୍ଦ୍ର ପତି, କୃଳମଣୀ ସତପଥି, ଅରବିନ୍ଦ ପତି, ଚର୍ତୁଭୁଜ ନାୟକ, ଅରୁଣ ଦାସ, ବିଶ୍ୱନାଥ ଦାସ, ରମାକାନ୍ତ ସାହୁ, ଖଗେଶ୍ୱର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ନିମନ୍ତେ ସହାୟତା ରାଶି ପ୍ରଦାନ



ଧାମରା, (ପିଏନ): ଆଦାନୀ ଧାମରା ପୋର୍ଟର ସିଏସ୍‌ଆର ୱିଙ୍ଗ୍ ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ଜାଗୁଳା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜୟଦୁର୍ଗାପାଟଣା ଗ୍ରାମର ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଗିରିଙ୍କ ଦୁଇ କନ୍ୟାଙ୍କୁ ଶିକ୍ଷା ନିମନ୍ତେ ସହାୟତା ରାଶିପ୍ରଦାନ କରାଯାଇଛି। ଏହି ସହାୟତାକୁ ସ୍ୱୀକାର କରି ସ୍ୱର୍ଗତ ଶ୍ରଦ୍ଧାଞ୍ଜଳି ଗିରିଙ୍କ ସ୍ୱାମୀ ମାନସ କୁମାର ଗିରି କହିଛନ୍ତି କି ଆଦାନୀ ଧାମରା ପୋର୍ଟ କଠିନ ସମୟରେ ସବୁବେଳେ ଲୋକଙ୍କ ସହ ଛିଡ଼ା ହୋଇଛି। ଏହି ସହାୟତା ମୋ ପିଲାଙ୍କୁ ନିରବଚ୍ଛିନ ଶିକ୍ଷା ଦେବାରେ ସାହାଯ୍ୟ କରିବ। ଅଭିଲିପ୍ସା ବର୍ତ୍ତମାନ କୋଇଥଖୋଲା ସରସ୍ୱତୀ ଶିଶୁ ମନ୍ଦିରରେ ପାଠ ପଢୁଛନ୍ତି। ଶ୍ରୀମତୀ ଗିରି ଆଦାନୀ ଫାଉଣ୍ଡେସନର ଫର୍ଚ୍ୟୁନ ସୁପୋଷଣ ପ୍ରକଳ୍ପରେ ସଙ୍ଗିନୀ ଭାବେ କାର୍ଯ୍ୟରତ ଥିଲେ। ଫର୍ଚ୍ୟୁନ ସୁପୋଷଣ ପ୍ରକଳ୍ପରେ ତାଙ୍କର ଉତ୍ସର୍ଗୀକୃତ ଅବଦାନର ସ୍ୱୀକୃତି ଭାବେ ଫାଉଣ୍ଡେସନ୍ ପକ୍ଷରୁ ତାଙ୍କର ଦୁଇ କନ୍ୟା ଅଭିଲିପ୍ସା ପ୍ରିୟଦର୍ଶିନୀ (୫ବର୍ଷ) ଓ ସୋନାକ୍ଷୀ (ଦେଢ ବର୍ଷ)ଙ୍କୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ ନିମନ୍ତେ ଏହି ରାଶି ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଆଦାନୀ ଧାମରା ପୋର୍ଟ ଏହାର ସିଏସ୍‌ଆର ୱିଙ୍ଗ୍ ଆଦାନୀ ଫାଉଣ୍ଡେସନ୍ ମାଧ୍ୟମରେ ଏହାର ପାରିପାର୍ଶ୍ୱିକ ତଥା ରେଳ କରିଡରରେ ଲୋକଙ୍କ କଲ୍ୟାଣ ପାଇଁ ବିଭିନ୍ନ ସିଏସ୍‌ଆର୍ ପଦକ୍ଷେପ ଗ୍ରହଣ କରୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ସ୍ଥାୟୀ ଜୀବିକା ଏବଂ ସମ୍ପ୍ରଦାୟର ଭିତ୍ତିଭୂମି ବିକାଶ ହେଉଛି ମୁଖ୍ୟ କ୍ଷେତ୍ର।

# ଏଓବିଏସଓ ଛାତ୍ର ସଂଘ ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ



ଭୁବନେଶ୍ୱର,(ପିନେ) : କୋଭିଡ଼ ମହାମାରୀ ନେଇ ତୃଣମୂଳସ୍ତରରେ ସଚେତନତାକୁ ବ୍ୟାପକ କରିବା ପାଇଁ ଅକ୍ଟୋବର ୨ ରୁ ମାନ୍ୟବର ମୂଖ୍ୟମନ୍ତ୍ରୀଙ୍କ ଆହ୍ୱାନ କ୍ରମେ "ଜନ ସଚେତନତା ଅଭିଯାନ" ଆରମ୍ଭ ହୋଇଛି । ଆଜି ଭୁବନେଶ୍ୱର ସ୍ଥିତ ରାଜମହଲ ଛକଠାରେ ଅଲ୍ ଓଡ଼ିଶା ବିପିୟୁଟି ଷ୍ଟୁଡେଂଟ୍ସ ଅର୍ଗାନାଇଜେସନ (ଏଓବିଏସଓ) ତରଫରୁ ମାସ୍କ ବଂଟନ ସହ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମକୁ ସଂଘର ଉପ-ପ୍ରତିଷ୍ଠାତା ତଥା ଯୁବ ବିଜେଡ଼ି ରାଜ୍ୟ ସାଧାରଣ ସଂପାଦକ ତାରିଣୀ ପ୍ରସାଦ ନାୟକଙ୍କ ନେତୃତ୍ୱରେ ଉପଦେଷ୍ଟା ତଥା ଯୁବ ବିଜେଡ଼ି ବରିଷ୍ଠ ଉପ-ସଭାପତି ଧୃତି ମାର୍ଥା, ସଂଘର ଉପ-ପ୍ରତିଷ୍ଠାତା ବାସୁଦେବ ସା, ଯୁବ ବିଜେଡ଼ି ସାରାଧଣ ସମ୍ପାଦକ ଅବିନାଶ ପ୍ରଧାନ, କାର୍ଯ୍ୟକାରୀ ସଦସ୍ୟ ପ୍ରସନ୍ନ ପାଣି, ଯୁବ ବିଜେଡ଼ି ଯୁଗ୍ମ ସମ୍ପାଦକ ପୁର୍ଣ୍ଣେନ୍ଦୁ ପୂଜାପଣ୍ଡା, ଯୁବ ବିଜେଡ଼ି ସମ୍ପାଦକ ସୋନାଲି ପ୍ରିୟଦର୍ଶିନୀ, ଦିପ୍ତିମୟୀ ପତି, ଛାତ୍ର ବିଜେଡ଼ି ରାଜ୍ୟ ସାରାଧଣ ସମ୍ପାଦକ ସଂକେତ ରାୟ, ପିଙ୍କି, ମହିମା, କିଶୋର ବେହେରା, ଡିପ୍ଲୋମା ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ସମ୍ପାଦକ ଅନନ୍ତ ନାରାୟଣ ଜେନା, ବିପିୟୁଟି ମୁଖ୍ୟ ସଂଗଠକ ତଥା ଛାତ୍ର ବିଜେଡ଼ି ଯୁଗ୍ମ ସମ୍ପାଦକ ପବନ ସ୍ୱାଇଁ, ଶ୍ରୀତମ ପଟ୍ଟନାୟକ, ଆଚାର୍ଯ୍ୟ ରକି ପ୍ରିୟଦର୍ଶନ, ରାକେଶ ପାତ୍ର, ଅଂକେଶ, ସ୍ମୃତିରାଜ ମହାନ୍ତି, ତନବୀର ଖାନ୍, ଡିପ୍ଲୋମା ସଭାପତି ବିକାଶ ପଣ୍ଡା, ଶୁଭମ ସ୍ୱାଇଁ, ଓମ୍ ପ୍ରସାଦ ବେହେରା, ଆଶିଷ ଦାସ, ନୀତିଶ, ଆଶୁତୋଷ, ଅରବିନ୍ଦ୍, ସନ୍ଦୀପ, ସ୍ୱାଗତ ମହାପାତ୍ର ଆଦି ଉପସ୍ଥିତ ଥିଲେ।

## ସ୍ୱାସ୍ଥ୍ୟ ବିଗିଡିବାରୁ ଭୁବନେଶ୍ୱରକୁ ସ୍ଥାନାନ୍ତର ହେଲେ ପଦ୍ମଶ୍ରୀ ପୁର୍ଣ୍ଣମାସୀ ଜାନୀ

କନ୍ଧମାଳ : କନ୍ଧମାଳ ଜିଲ୍ଲା ଖଜୁରୀପଡା ସ୍ଥିତ ଚାରିପଡା ଗ୍ରାମର ଅନନ୍ୟ ପ୍ରତିଭା ତଥା ଲୋକକବି, ଆଦିବାସୀ ସଂସ୍କାରକ ,ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ପୁର୍ଣ୍ଣମାସୀ ଜାନୀ (ଟାଡିସରୁ ବାଇ )ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଥିବା କୋଭିଡ ହସପିଟାଲରେ ଭର୍ତି ହୋଇଥିଲେ। ତାଙ୍କ କୋଭିଡ୍ ନମୁନା ଗତ ୧୪ତାରିଖରେ ପଜଟିଭ୍ ଥିବା ଜଣାପଡିଥିଲା। ତାଙ୍କୁ ତାଙ୍କର ଚାରିପଡା ସ୍ଥିତ ବାସଭବନରେ ସଙ୍ଗରୋଧରେ ରଖାଯାଇ ସ୍ୱାସ୍ଥ୍ୟକର୍ମୀ ଏବଂ ଡାକ୍ତରଙ୍କ ଦ୍ୱାରା ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା ହୋଇଥିଲା। ସେ ସାମାନ୍ୟ ଅସୁସ୍ଥତା ଅନୁଭବ କରିବାରୁ ତୁରନ୍ତ ଏକ କୋଭିଡ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଫୁଲବାଣୀ କୋଭିଡ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଚିକିତ୍ସିତ ହେବାପରେ ସେ ସୁସ୍ଥ ହୋଇଥିଲେ। ପରେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ପଦ୍ମଶ୍ରୀ ପୁର୍ଣ୍ଣବାସୀ ଯାନୀଙ୍କୁ ଭୁବନେଶ୍ୱର ସ୍ଥିତ ଆଦିତ୍ୟ ଅଶ୍ୱିନୀ କୋଭିଡ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି ଏବଂ ଉଦବେଗର କୌଣସି କାରଣ ନାହିଁ ବୋଲି କନ୍ଧମାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ ସୁଚନା ଦେଇଛନ୍ତି। ଗତକାଲିଠାରୁ ପୁର୍ଣ୍ଣମାସୀଙ୍କ ପେଟରେ ଯନ୍ତ୍ରଣା ହେଉଛି। ତାଙ୍କର ଅଲଟ୍ରାସାଉଣ୍ଡ ସହିତ ଅନ୍ୟାନ୍ୟ କିଛି ଉନ୍ନତ ଧରଣର ପରୀକ୍ଷାର ସୁବିଧା କୋଭିଡ ହସ୍ପିଟାଲରେ ନଥିବାରୁ ତାଙ୍କୁ ଅଶ୍ୱିନୀ କୋଭିଡ୍ ହସ୍ପିଟାଲକୁ ପଠାଯାଇଛି। ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି। ପୁର୍ଣ୍ଣମାସୀଙ୍କ ଅମ୍ଳଜାନ ସ୍ତର ସ୍ୱାଭାବିକ ରହିଛି ଏବଂ କୋଭିଡ ସଂକ୍ରମଣ ମଧ୍ୟ ସାମାନ୍ୟ ରହିଛି। ତାଙ୍କର ଶରୀରରେ ଅନ୍ୟ କୌଣସି ଜଟିଳତା ନାହିଁ। ସେ ସ୍ଥିର ଅଛନ୍ତି ବୋଲି ସିଡିଏମଓ କହିଛନ୍ତି।

## ଚିହ୍ନଟ ହେଲେ ୧୫୮ ଓ ସୁସ୍ଥ ହେଲେ ୩୬୬ ଆକ୍ରାନ୍ତ

ଭଦ୍ରକ: ଭଦ୍ରକ ଜିଲ୍ଲାରୁ ଆଉ ୧୫୮ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏହି ସମୟ ମଧ୍ୟରେ ୩୬୬ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏ ପର୍ଯ୍ୟନ୍ତ ଜିଲ୍ଲାରୁ ୪ଲକ୍ଷ ୪୦ ହଜାର ୪୪୫ ଜଣଙ୍କ ନମୁନା ପରୀକ୍ଷା କରାଯାଇଥିବା ବେଳେ ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୨୦ହଜାର ୬୧୩ ଜଣ ଏବଂ ସୁସ୍ଥ ହୋଇଛନ୍ତି ୧୮ ହଜାର ୪୮୮ ଜଣ। ଏବେ ସକ୍ରିୟଙ୍କ ସଂଖ୍ୟା ରହିଛି ୨୦୮୪। ଚିହ୍ନଟ ହୋଇଥିବା ଆକ୍ରାନ୍ତମାନେ ବାସୁଦେବପୁର ପୌରପାଳିକାର ୧୦ ନଂ ୱାର୍ଡ, ୧୧ନଂ ୱାର୍ଡ, ୧୭ ନଂ ଓ ୨୦ ନଂ ୱାର୍ଡରୁ ମୋଟ ୫ଜଣ, ଭଦ୍ରକ ପୌରାପାଳିକାର ବନ୍ତଛକ, ଅପର୍ତିବିନ୍ଧା, ସନ୍ଥିଆ, ଉତରବାହିନୀ, ଗବସାହିରୁ ମୋଟ ୯ଜଣ, କଲ୍ୟାଣୀ, ପଛାଲୋ, ଚାନ୍ଦବାଲି ଏନ୍‌ଏସିରୁ ୬ଜଣ, ଧାମନଗର ଏନ୍‌ଏସିରୁ ୨ଜଣ ଚିହ୍ନଟ ହୋଇଥିବା ବେଳେ ଜିଲ୍ଲାର ୧୧ଜଣ ଜିଲ୍ଲା ବାହାରେ ଚିହ୍ନଟ ହୋଇଛନ୍ତି।

# ଘଟଗାଁ ବ୍ଲକରୁ ପ୍ଲାଜମା ଦାନ କଲେ ୩ଜଣ




ଗୋଲାବନ୍ଧ(ପିଏନ)- ଘଟଗାଁ ବ୍ଲକର ୩ଜଣ ପ୍ରବାସୀ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲରେ ଅବସ୍ଥାପ୍ଲାଜ୍ଞ ପ୍ଲାଜମା ଦାନ କେନ୍ଦ୍ରରେ ପ୍ଲାଜମା ଦାନ କରି ଫେରିଛନ୍ତି। ଖବରରୁ ପ୍ରକାଶ ଯେ ରାଜ୍ୟ ସରକାର ଗୁରୁତର କରୋନା ରୋଗୀଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ଲାଜମା ଦାନକୁ ଏକ ଫଳପ୍ରଦ ପଦ୍ଧତି ରୂପେ ଆପଣେଇବା ସହ ଏ ନେଇ ଉତ୍ସାହିତ କରି ଆସୁଛନ୍ତି। କିଛିଦିନ ପୂର୍ବେ ପ୍ରଥମ ଦଫାରେ ଘଟଗାଁ ବ୍ଲକ ପ୍ରଶାସନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ୯ଜଣଙ୍କ ନାମ ଜିଲ୍ଲା ପ୍ରଶାସନକୁ ପ୍ରେରଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୪ଜଣଙ୍କୁ ପ୍ରେରଣ କରିବା ନିମିତ୍ତ ପତ୍ର ପ୍ରେରଣ କରିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ଜନୈକ ବ୍ୟାଙ୍କ କର୍ମଚାରୀ ଏ ନେଇ ମନା କରିବା ପରେ ୩ଜଣ ଯାଇ ପ୍ଲାଜମା ଦାନ କରି ଆସିଛନ୍ତି। ପ୍ଲାଜମା ଦାନ କରିବା ପୂର୍ବରୁ ସରକାରଙ୍କ ତରଫରୁ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ରହିବା ଓ ଖାଇବାର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପରେ ପରେ ଏହି ଉଲ୍ଲେଖନୀୟ ତଥା ମହତ କାର୍ଯ୍ୟ ପାଇଁ ରାଜ୍ୟ ସରକାରଙ୍କ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଥାଉକି କୋରନାରୁ ସୁସ୍ଥ ହେବାର ଅନ୍ୟୁନ ୨୮ଦିନ ପରେ ଏକାଧିକ ରୋଗ ନଥିବା ଜଣେ ସୁସ୍ଥ ବ୍ୟକ୍ତି ପ୍ଲାଜମା ଦାନ କରିବାର ନିୟମ ରହିଛି ଓ ଜଣେ ବ୍ୟକ୍ତିର ପ୍ଲାଜମା ସହାୟତାରେ ୨ଜଣ ରୋଗୀଙ୍କୁ ସୁସ୍ଥ କରାଯାଇ ପାରୁଛି। ବିଡିଓ ନାୟାରଣ ସାହୁ, ଡାକ୍ତର ମୁକ୍ତିକାନ୍ତ ନାୟକ, ଏବିଡିଓ ଚିତ୍ତରଞ୍ଜନ ନାୟକ ଓ ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ବିପୀନ ଷଡଙ୍ଗୀ ଅଧିକରୁ ଅଧିକ ସୁସ୍ଥ ହୋଇଥିବା ପ୍ରବାସୀ ତଥା ସାଧାରଣ ବ୍ୟକ୍ତି ପ୍ଲାଜମା ଦାନ ଭଳି ମହାନ କାର୍ଯ୍ୟ ପାଇଁ ଆଗେଇ ଆସିବାକୁ ନିବେଦନ କରିବା ସହ ବ୍ୟାପକ ଜନସଚେତନତା କାର୍ଯ୍ୟକ୍ରମ ଅବ୍ୟାହତ ରଖିଛନ୍ତି।




# ଘଟିଲୋ ଓ ବିନିଦା ପଂଚାୟତରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଘଟଗାଁ, (ପିଏନ): ଚଳିତ ବର୍ଷ ଅକ୍ଟୋବର ୨ ତାରିଖ ଗାନ୍ଧି ଜୟନ୍ତି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଅକ୍ଟୋବର ୨ ରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ କୋରୋନା ଜନସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଘଷିପୁରା ବ୍ଲକ ର ପୂର୍ବତନ ଅଧକ୍ଷ ଶ୍ରୀଯୁକ୍ତ ଦେବାଶିଷ ପାତ୍ର ଙ୍କ ନେତୃତ୍ୱ ରେ ଘଟଗାଁ ବ୍ଲକର ବିନିଦା ଓ ପଟିଲୋ ଗ୍ରାମପଂଚାୟତ ରେ ଗତ ଶୁକ୍ରବାର ଦିନ କୋରୋନା ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ସକାଳ ୧୦ ଘଟିକା ସମୟରୁ ଦେବାଶିଷ ପାତ୍ରଙ୍କ ସମେତ ଉକ୍ତ ଦୁଇଟି ପଂଚାୟତରୁ ଅନେକ ଯୁବକ ଏବଂ ମହିଳା ଉତ୍ସାହ ସହକାରେ ବାହାରି ସାମାଜିକ ଦୂରତା ବଜାଇ ରଖି ଗାଁ ଗାଁ ଭ୍ରମଣ କରି କରୋନା ମହାମାରି ସମ୍ବନ୍ଧରେ ସଚେତନତାର ବାର୍ତ୍ତା ପ୍ରଦାନ କରିଥିଲେ । ତାସହିତ ମାସ୍କ ପିନ୍ଧିନଥିବା ବ୍ୟକ୍ତିଙ୍କ ମାସ୍କ ଦେବା ସହିତ ମାସ୍କ ସର୍ବଦା ବ୍ୟବହାର କରନ୍ତୁ ଏବଂ ସାମାଜିକ ଦୂରତା ବଜାଇ ରଖି ଚଳପ୍ରଚଳ କରନ୍ତୁ ବୋଲି ଲୋକଙ୍କ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମ ରେ ଘଟଗାଁ ବ୍ଲକ ବିଜୁ ମହିଳା ଜନତା ଦଳ ର ସଭାନେତ୍ରୀ ଶ୍ରୀମତୀ ପୁଷ୍ପଲତା ରାଉତ, ଘଷିପୁରା ନିର୍ବାଚନ ମଣ୍ଡଳୀର ବିଜେଡି ସୋସିଆଲ ମିଡିଆ ସେଲ ସଭାନେତ୍ରୀ ତଥା ଘଟଗାଁ ଜୋନ ବିଜୁ ମହିଳା ଜନତା ଦଳର ଉପସଭାପତି ରଂଜିତା ରାଉତ, ଢେଙ୍କିକୋଟ ଜୋନ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ସୁମିତ୍ରା ମହାନ୍ତ, ସରପଂଚ ପଟିଲୋ ଗ୍ରାମପଂଚାୟତ ରଂଜନ ନାଏକ, ପୁରୁମୁଣ୍ଡା ଗ୍ରାମପଂଚାୟତ ସରପଂଚ ରବି ମୁଣ୍ଡା, ପୁରୁମୁଣ୍ଡା ସମିତି ସଭ୍ୟ ରଂଜିତ ବେହେରା, ଦୁର୍ଯ୍ୟୋଧାନ ବାରିକ, ଫକୀର ସାହୁ, ଜୟକୃଷ୍ଣ ଦଣ୍ଡପାଟ, ପଟେଲ ମହାନ୍ତ, ପବିତ୍ର ପରିଡା, ଖଗେଶ୍ୱର ମହାନ୍ତ, ଗୁରୁଚରଣ ମହାପାତ୍ର, ମଙ୍ଗୁଲୁ ନାଏକ, ମାଧବାନନ୍ଦ ମହାନ୍ତ, ମାର୍କଣ୍ଡ ସୁଳିଆ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ଯୁବ ନେତା ସିକନ ପାଢୀ,ବିକ୍ରମ ଜେନା, ମୁନା ପଣ୍ଡା, ରତନ ପଲେଇ, ପ୍ରମୁଖ ସହଯୋଗ କରିଥିଲେ ।

# ଜିଲ୍ଲାପାଳଙ୍କ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପ ପରିଦର୍ଶନ,ବିସ୍ଥାପିତ ସହାୟତା ସମିତିର ଦାବୀପତ୍ର ପ୍ରଦାନ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାପାଳ ସ୍ୱାଧାଦେବ ସିଂ ଖଡିଆଳ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପକୁ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରି ଯାଇଛନ୍ତି । ସେ ଡ୍ୟାମକୁ ବୁଲି ଦେଖିବା ସହ ବିଭାଗୀୟ ଅଧିକାରୀ ମାନଙ୍କ ସହ ବୈଠକ କରିଥିଲେ । ଏହି ଅବସରରେ ଲୋୟର ଇନ୍ଦ୍ର ବିସ୍ଥାପିତ ସହାୟତା ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୧୪ ଦଫା ଦାବୀପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାପାଳ ଦାବୀପତ୍ରକୁ ଗ୍ରହଣ କରି ଦାବୀ ସବୁର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ । ଦାବୀପତ୍ରରେ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୮ ଗୋଟି ବୁଡି ଗ୍ରାମର ପ୍ରାୟ ୨୫୦୦ ବିସ୍ଥାପିତ ପରିବାରଙ୍କୁ ପ୍ରଶାସନିକସ୍ତରରେ ବିଚାରଧିନଥିବା ସହାୟତା ରାଶିଙ୍କୁ ତୁରନ୍ତ ପ୍ରଦାନ କରାଯିବା, ଜମିର କ୍ଷତିପୂରଣ ପ୍ରଦାନ ବିରୋଧରେ ଜିଲା ଦୌରାଜଜ ନିମ୍ନ ଅଦାଳତରେ ଫଇସଲା ସରି ନିଷ୍ପି ହୋଇ ସାରିଥିବା ଜମିର କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରିବା, ବିସ୍ଥାପିତ ଥଇଥାନ ସହାୟତା ରାଶି ନିର୍ଦ୍ଧାରିତ ଶେଷ ସମୟ ସୀମା ପର୍ଯ୍ୟନ୍ତ ଯୋଗ୍ୟ ବିବେଚିତ ସମସ୍ତ ବିସ୍ଥାପିତଙ୍କୁ ଥଇଥାନ ରାଶି ପ୍ରଦାନ କରିବା, ସମ୍ପୂର୍ଣ୍ଣ ବୁଡିଗ୍ରାମରେ ଭୂମିହୀନ ପ୍ରଜାଙ୍କୁ ୧୯୯୪ ଥଇଥାନ ନୀତି ଅନୁଯାୟୀ ଥଇଥାନ ରାଶି ପାଇଥିବା ବେଳେ ବ ମାନ ସେମାନଙ୍କ ଯୋଗ୍ୟ ପୁଅଝିଅ ମାନଙ୍କୁ ଥଇଥାନ ନୀତି ୨୦୦୬ ଅନୁଯାୟୀ ବିସ୍ଥାପିତ ରାଶି ପ୍ରଦାନ, ବିସ୍ଥାପିତ ହୋଇଥିବା ପରିବାରଙ୍କ ବକେୟା ଥିବା ଥଇଥାନ ରାଶି ନୂତନ ବସତିରେ କିଣିଥିବା ଜମି, ଘରଡିହର ରେଜିଷ୍ଟ୍ରେସନ ଫିଜ, ରକ୍ଷଣାବେକ୍ଷଣ, ପରିବହନ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ଭ । ପ୍ରଦାନ, ପ୍ରତ୍ୟେକ ବିସ୍ଥାପିତଙ୍କୁ ବିସ୍ଥାପିତ ପରିଚୟ ପତ୍ର ପ୍ରଦାନ, ଅଧିଗୃହିତ ହୋଇଥିବା ଜମି ଉପରେ ରହିଥିବା ହିତାଧିକାରୀଙ୍କୁ ଚିରସ୍ଥାୟୀ ଭାବରେ ରହିବା ବ୍ୟବସ୍ଥା, ପ୍ରକଳ୍ପର ଥଇଥାନ ସହାୟତା ରାଶି ପାଇଁ ଯୋଗ୍ୟ ହିତାଧିକାରୀଙ୍କ ଚୟନ ପାଇଁ ନିର୍ଦ୍ଧାରିତ ଶେଷ ସମୟ ସୀମା ତାରିଖ ୦୧/୦୨/୨୦୧୪ କଟ ଅଫ ଡେଟ ପରିବର୍ତ୍ତେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ଦିନକୁ ଶେଷ ସମୟ ସୀମା ଭାବରେ ଗ୍ରହଣ କରିବା, ବୁଡିଗ୍ରାମର ପ୍ରଜାଙ୍କୁ ଡିପି ଆକାରରେ ପାଉଣା ପ୍ରଦାନ, ବିସ୍ଥାପିତ ଯୁବକ ଯୁବତୀଙ୍କୁ କର୍ମସଂସ୍ଥାନ ଓ ନିଯୁକ୍ତି ପାଇଁ ପ୍ରଶିକ୍ଷଣ ପ୍ରଦାନ, ବିଭାଗୀୟ ଅବହେଳା କାରଣରୁ ୩୦ ଜଣରୁ ଅଧିକ ବିସ୍ଥାପିତ ୨୦୧୦ ମସିହାରେ ମଞ୍ଜୁର ହୋଇଥିବା ରାଶି ୨୦୧୫/୧୬ ରେ ପ୍ରଦାନ କରାଗଲା, ଯାହାକି ୨୦୧୪ କଟଅଫ ଡେଟ ମୁତାବକ ବକେୟା ରାଶି ପ୍ରଦାନ, ୧୮ ବର୍ଷରୁ ଅଧିକ ବର୍ଷର ପୁଅଝିଅ ମାନଙ୍କୁ ଥଇଥାନ ରାଶି ମିଳିବା ସକାଶେ ଆବେଦନ କରିବାକୁ କୁହାଯାଇଥିଲା କିନ୍ତୁ କିଛି ହିତାଧିକାରୀଙ୍କ ତାଲିକା ମଞ୍ଜୁର ପାଇଁ ସରକାରଙ୍କୁ ପଠାଯାଇଥିବା ବେଳେ କେତେକଙ୍କ ଆଜି ପର୍ଯ୍ୟନ୍ତ ପଠାଯାଇନଥିବା, ଜଳସମ୍ପଦ ବିଭାଗର ପତ୍ର ମୁତାବକ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ସକାଶେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଦେଇଥିବା ଲିଖିତ ପ୍ରତିଶ୍ରୁତି ୭ ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ, ଏଣୁ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଭଳି ଯଥା ପ୍ରମୁଖ ଦାବୀ ରହିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବିସ୍ଥାପିତ ସହାୟତା ସମିତିର ସଭାପତି ନିତ୍ୟାନନ୍ଦ ପ୍ରଧାନ ଏବଂ ସମ୍ପାଦକ ଗୋପିନାଥ ଗଉଡ ଉପସ୍ଥିତ ଥିଲେ ।

## ଖଡିଆଳ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଗୁଳିକାଣ୍ଡ

ନୂଆପଡା,(ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟରେ ଠିକା କାମକୁ ନେଇ ଏକ ଗୁଳିକାଣ୍ଡ ହୋଇଥିବା ସୂଚନା ମିଳିଛି । ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୯ ଗୋଟି ଠିକା କାମକୁ ନେଇ ଏହି ଗୁଳିକାଣ୍ଡ ଘଟିଥିବା ବେଳେ ଜଣେ ଠିକାଦାର ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଶୁକ୍ରବାର ଖଡିଆଳ ଗ୍ରାମ୍ୟ ଉନ୍ନୟନ ବିଭାଗରେ ଠିକା କାମ ନେଇ ଟେଣ୍ଡର ଜଣାପଡିବା ପରେ ଠିକାଦାର ମାନେ ବିଭାଗୀୟ କାର୍ଯ୍ୟାଳୟକୁ ଯାଇ କିଏ କିଏ କାମ ପାଇଛି ବୋଲି ଦେଖୁଥିଲେ । ଏଥିରେ କଣ୍ଟାବାଞ୍ଜି ଏବଂ ଖଡିଆଳର ଠିକାଦାର ମାନେ ଥିଲେ । ହେଲେ ସେଠାରେ କିଛି ଠିକାଦାର ମାନଙ୍କ ମଧ୍ୟରେ ବଚସା ହୋଇଥିଲା । ହେଲେ ୨ ଗୋଟି ବନ୍ଧୁକ ନେଇ ଆସିଥିବା କଣ୍ଟାବାଞ୍ଜିର ଠିକାଦାର ଜଣକ ଅଫିସ ବାହାରକୁ ଆସି ଗୁଳି କରିଥିଲେ । ଏହି ଗୁଳି ଖଡିଆଳର ଠିକାଦାର ପବନ କୁମାର ଅଗ୍ରୱାଲଙ୍କ ବାମ ହାତକୁ ଛୁଇଁ ଚାଲି ଯାଇଥିଲା । ଯାହାଫଳରେ ପବନ କୁମାର ଅଗ୍ରୱାଲଙ୍କ ବାମ ହାତରେ ଅଳ୍ପ କ୍ଷତ ହୋଇଥିବା ବେଳେ ସେ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି । ଏନେଇ ପବନ କୁମାର ଅଗ୍ରୱାଲଙ୍କ ଅଭିଯୋଗ କ୍ରମେ ପୁଲିସ ୨୫୧/୨୦୨୦ ରେ ଏକ ମାମଲା ରୁଜୁ କରି କଣ୍ଟାବାଞ୍ଜିର ୩ ଜଣ ଠିକାଦାର ଗିରିଦାସ ସିଂ ମାଝୀ ଓ ତାଙ୍କ ଭାଇ ଶୋଭାରାଜ ସିଂମାଝୀଙ୍କ ସହ ଡ୍ରାଇଭର ଚୈତନ୍ୟ ମାଝୀଙ୍କୁ ଅଟକ ରଖିଛନ୍ତି । ଏହାସହ ୨ ଗୋଟି ବନ୍ଧୁକ ସହ ଇନୋଭା ଗାଡିକୁ ଜବତ କରିଥିବା ବେଳେ ପୁଲିସ ଘଟଣାର ତଦନ୍ତ ଚଲାଇଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି ।

# ଅବ୍ୟବସ୍ଥା ଘେରରେ ତୁକଲା ଷ୍ଟେଟ ବ୍ୟାଙ୍କ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲାର ବୃହ ମ ଗ୍ରାମ ତୁକଲା । ଏହି ଗ୍ରାମ ଉପରେ ଶତାଧିକ ଗ୍ରାମର ଲୋକେ ନିର୍ଭର କରନ୍ତି । ତୁକଲାରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ, ସମବାୟ ସମିତି ସହ ଷ୍ଟେଟ ବ୍ୟାଙ୍କ ରହିଛି । ଲେଣ ଦେଣ ସୁବିଧା ଦୃଷ୍ଟିରୁ ଅଧିକାଂଶ ଲୋକଙ୍କ ଷ୍ଟେଟ ବ୍ୟାଙ୍କରେ ଉକାଉ ରହିଛି କିନ୍ତୁ ଆବଶ୍ୟକ କର୍ମଚାରୀ ଅଭାବରୁ ଲୋକେ ଠିକ ଭାବରେ ସୁବିଧାସୁଯୋଗ ପାଇପାରୁ ନାହାନ୍ତି । ନିୟମ ଅନୁଯାୟୀ ଶାଖା ପରିଚାଳକଙ୍କ ସହ ୩ ଜଣ ଷ୍ଟାଫ ରହିବା କଥା କିନ୍ତୁ ଶାଖା ପରିଚାଳକ ଏବଂ ଜଣେ ଫିଲ୍ଡ ଅଫିସର ଅଛନ୍ତି । ଏଇ କିଛି ଦିନ ତଳେ କ୍ୟାସିଅର ଜଣକ ଇସ୍ତଫା ଦେଇ ଅନ୍ୟ ବ୍ୟାଙ୍କରେ ଯୋଗ ଦେଇଛନ୍ତି । ଫଳରେ ଜଣେ କର୍ମଚାରୀରେ କାର୍ଯ୍ୟକାରିବା ସଫଳ ହୋଇପାରୁନାହିଁ । ଲୋକେ ମଧ୍ୟ ବହୁତ ହଇରାଣ ହରକତ ହେଉଛନ୍ତି । ଲୋକେ ଟଙ୍କା ଡିପୋଜିଟ କିମ୍ବା ଉଠାଣ ସକାଶେ ଘ । ଘ । ଜଗି ରହୁଥିବା ବେଳେ ପାସବୁକ ପ୍ରି ମଧ୍ୟ ହୋଇ ପାରୁନାହିଁ । ଯାହାଫଳରେ ଅନେକ ନିରକ୍ଷର ଲୋକେ ତାଙ୍କ ଏକାଉ ରେ କେତେ ଟଙ୍କା ଅଛି ଜାଣି ପାରୁନାହାନ୍ତି । ଫଳରେ ଏଠାରେ ଆଉ ୨ ଜଣ ଷ୍ଟାଫ ଦେବା ପାଇଁ ଲୋକେ ଦାବୀ କରିଛନ୍ତି । ଏନେଇ ଶାଖା ପରିଚାଳକ ସୌମ୍ୟ ରଞ୍ଜନ ଦାଶଙ୍କୁ ପଚାରିବାରୁ କର୍ମଚାରୀ ଅଭାବକୁ ସ୍ୱିକାର କରିଥିଲେ କିନ୍ତୁ କୌଣସି କାର୍ଯ୍ୟ ଏଥିପାଇଁ ଅଟକୁ ନାହିଁ ବୋଲି ପ୍ରକାଶ କରିଥିଲେ । ଅନ୍ୟପକ୍ଷରେ ତୁକଲା ଠାରେ ଥିବା ଷ୍ଟେଟ ବ୍ୟାଙ୍କର ଏଟିଏମ ଗତ ୭/୮ ମାସ ହେବ ବନ୍ଦ ରହିଛି । ଯାହାଦ୍ୱାରା ଏଟିଏମ ଥିବା ଲୋକେ ଖଡିଆଳ କିମ୍ବା ସିନ୍ଧେକେଲାକୁ ଯାଇ ଟଙ୍କା ଉଠାଣ କରୁଛନ୍ତି । ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ କର୍ମଚାରୀ ଯୋଗାଣ ସହ ଏଟିଏମକୁ ସଚଳ କରିବାକୁ ସାଧାରଣରେ ଦାବୀ ହେଉଛି ।

# ବ୍ରହ୍ମବରଦାରେ ବେଆଇନ କ୍ଲିନିକ୍‌ରେ ଚାଲିଛି ରୋଗୀ ଦେଖା, ଜିଲାପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଧର୍ମଶାଳା: ରାଜ୍ୟରେ କରୋନା ସଂକ୍ରମଣଙ୍କ ସଂଖ୍ୟା ବିଗିଡିବାରେ ଲାଗିଛି । ଅନ୍ୟପକ୍ଷେ ଯାଜପୁର ଜିଲା ଏବେ ରେଡ ଜୋନରେ ରହିଛି । ଦୈନନ୍ଦିନ ୨ଶହରୁ ଉର୍ଦ୍ଧ କରୋନା ସଂକ୍ରମଣ ଚିହ୍ନଟ ହେଉଛନ୍ତି । ଅନ୍ୟପକ୍ଷେ ଗ୍ରାମାଚଂଳରେ ଲୋକଙ୍କୁ ଥଣ୍ଡା ଜ୍ୱର ଲାଗି ରହୁଛି । ଏଭଳି ପରିସ୍ଥିତରେ ଲୋକେ ସରକାରୀ ମେଡିକାଲକୁ ନଯାଇ ଘରୋଇ ବେଆଇନ କ୍ଲିନିକ୍‌ରେ ବିନା ଡାକ୍ତରଙ୍କ ପରାମର୍ଶ କ୍ରମରେ ଔଷଧ ସେବନ କରୁଛନ୍ତି । ଫଳରେ କିଛି ଲାଭଖୋର ବ୍ୟବସାୟୀ ନିଜ ନିଜ ଅଂଚଳରେ ବେଆଇନ କ୍ଲିନିକ କରିବା ସହ ରୋଗୀ ଦେଖି ଔଷଧ ସେବନ ପାଇଁ ପରାମର୍ଶ ଦେଉଛନ୍ତି । ଯାହାକି ଏହା ଆଇନ ବିରୋଧୀ । ଲୋକଙ୍କୁ ଲୋଭ ଦେଖାଇ ଏଭଳି ବେଆଇନ କାରବାର ଚାଲିଥିବା ଦେଖିବାକୁ ମିଳିଛି ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଅଂଚଳରେ । ଏଠାରେ ୨୦ରୁ ଉର୍ଦ୍ଧ କ୍ଲିନିକ ରହିଛି । ତାହାପୁଣି ସରକାରୀ ବିନା ପଂଜିକୃତରେ । ଏଠାରେ ବିନା ଡାକ୍ତରଙ୍କ ଦ୍ୱାରା ଦେଖା ଚାଲିଛି ରୋଗୀ ସେବା । ଫଳରେ ନିରୀହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ଏଭଳି ବେଆଇନ କ୍ଲିନିକ ପ୍ରତି ଜିଲାପ୍ରଶାସନର ଦୃଷ୍ଟି ନ ପଡିବା ନେଇ ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା ସମୟରେ ଲୋକମାନଙ୍କ ଶୋଷଣ କରାଯାଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଗତ ବର୍ଷ କରୋନା ମହାମାରୀ ଲକ୍ ଡାଉନ ସମୟରେ ଯାଜପୁର ପୂର୍ବତନ ଜିଲାପାଳ ରଂଜନ କୁମାର ଦାସ ଏହି ଅଂଚଳରେ କ୍ଲିନିକକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ କିଛି ଦିନ ପରେ ଏଠାରେ ପୁଣି ଖୋଲାମେଲାରେ ଚାଲିଛି । ଡ୍ରଗ୍ସ ସ୍କ୍ୱାଡ ଏ ଦିଗରେ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

## କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୧ ଗିରଫ, ୩୪୩ ବାହନ ଜବତ

ଭୁବନେଶ୍ୱର: ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୧ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୩୪୩ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୦,୬୫,୫୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।



ସପ୍ତାହାନ୍ତ ତାଲାବନ୍ଦ ପ୍ରଭାବରେ ରାଜଧାନୀର ବରମୁଣ୍ଡା ବସଷ୍ଟାଣ୍ଡ ଯାତ୍ରୀଶୂନ୍ୟ ଓ ବସଷ୍ଟାଣ୍ଡ ପରିସରରେ ବୁଲା ଗାଇଗୋରୁ ଓ ପକ୍ଷୀମାନଙ୍କ ସମାବେଶ ।

# କନ୍ଧମାଳରେ ପ୍ରତି ବର୍ଷ ପ୍ରକୃତି ଅଜାଡି ଦେଉଛି :ସଜାଡିବାକୁ ଯୋଜନା ନାହିଁ

କନ୍ଧମାଳ: ସମଗ୍ର କନ୍ଧମାଳ ଜିଲ୍ଲାରେ ପ୍ରକୃତି ଅନେକ ପ୍ରାକୃତିକ ସୌନ୍ଦର୍ଯ୍ୟ ସମେତ ଅନେକ ପ୍ରାକୃତିକ ସମ୍ପଦର ରମ୍ଭାର ଅଜାଡି ଦେଇଛି । ସେତିକି ନୁହେଁ ସ୍ଥାୟୀ ଭାବରେ ପ୍ରାକୃତିକ ସମ୍ପଦରେ ଭରା ହୋଇ ରହିଥିବା କନ୍ଧମାଳ ଜିଲ୍ଲାରେ ନିୟମିତ ଭାବରେ ପ୍ରତି ବର୍ଷ ମଧ୍ୟ ପ୍ରଦାନ କରୁଛି ଅନେକ ପ୍ରାକୃତିକ ସମ୍ପଦ । ଯାହାକୁ ପାଥେୟ କରି ଜିଲ୍ଲାର ଗ୍ରାମାଂଚଳର ଲୋକେ ସେମାନଙ୍କର ଜୀବନ ଜୀବିକା ନିର୍ବାହ କରି ଆସୁଛନ୍ତି । ଯେପରି ଜିଲ୍ଲାର ଜଙ୍ଗଲରେ ଥିବା ବୃକ୍ଷ ଗୁଡିକରେ ପ୍ରତି ବର୍ଷ ଫଳୁଥିବା ଆମ୍ବ,ଖଜୁରୀ, ଅଂଳା, ମହୁଲ,ଟୋଲ,ଶାଳମଞ୍ଜି,ଝୁଣା,ମହୁ,ଭାଲିଆ ପଣଷ, ତେନ୍ତୁଳି, ଜାମୁକୋଳି, ଖଜୁରିକୋଳି ଓ କେନ୍ଦୁ ଭଳି ଅନେକ ଜଙ୍ଗଲ ଜାତ ଉତ୍ପାଦନ ସାମଗ୍ରୀ ରହିଛି । ଯାହାକୁ ସଂଗ୍ରହ କରି ଏଠାର ଲୋକେ ବର୍ଷସାରା ସେମାନଙ୍କର ରୋଜଗାର କରିବା ସହିତ ସେମାନଙ୍କର ନିଜର ଆବଶ୍ୟକତା ମଧ୍ୟ ପୁରଣ କରନ୍ତି । ତେବେ ବର୍ଷବର୍ଷ ଧରି ଏଠାର ଲୋକଙ୍କ ଦ୍ୱାରା ସଂଗ୍ରହ କରାଯାଉଥିବା ଏହି ବନଜାତ ସାମଗ୍ରୀ ସବୁର ବିକ୍ରିବଟା କରି ଲୋକେ ଭଲ ଦୁଇପଇସା ରୋଜଗାର କରିବାବଳେ ସେମାନଙ୍କ ଠାରୁ ଏହି ସାମଗ୍ରୀ ସବୁକୁ ସେମାନଙ୍କଠାରୁ କମ ଦାମରେ କିଣି ଜିଲ୍ଲାରେ ଅନେକ ବ୍ୟବସାୟୀ ମାନେ ମଧ୍ୟ ମାଲାମାଲ ହେଉଛନ୍ତି । ତେବେ ଏହା ସତ୍ତ୍ୱେ କନ୍ଧମାଳ ଜିଲ୍ଲାରେ ଉତ୍ପାଦନ ହେଉଥିବା ଏହି ସାମଗ୍ରୀ ସବୁର ସମ୍ପୂର୍ଣ୍ଣ ବ୍ୟବହାର ହୋଇପାରୁ ନାହିଁ । ଯାହାର ପରିଣାମ ସ୍ୱରୂପ ପ୍ରତିବର୍ଷ ଲୋକଙ୍କ ଦ୍ୱରା ବ୍ୟବହାର କରାଯାଉଥିବା ଏଜି ବନଜାତ ଦ୍ରବ୍ୟ ସବୁର ୬୦ ପ୍ରତିଶତ ଉତ୍ପାଦନ ଜଙ୍ଗଲରେ ପଡିପଡି ନଷ୍ଟ ହେଉଛି । ତେଣୁ ଜିଲ୍ଲାରେ ପ୍ରକୃତି ଦ୍ୱାରା ପ୍ରଦାନ କରାଯାଉଥିବା ଏହି ସବୁ ଜିନିଷ ଗୁଡିକର ସଦବ୍ୟବହାର ତଥା ଜିଲ୍ଲାର ଲୋକଙ୍କ ଦ୍ୱାରା ଏହାର ସଠିକ ଲାଭ ଉଠାଇବା ନିମନ୍ତେ ଜିଲ୍ଲାରେ ସରକାରଙ୍କ ଦ୍ୱାରା କୌଣସି ଫୁଡ୍ ପ୍ରୋସେସିଙ୍ଗ ୟୁନିଟ୍ ସ୍ଥାପନା କରାଯାଇ ସେଠାରେ ଏହା ସହିତ ଜିଲ୍ଲାର ଚାଷିମାନଙ୍କ ଦ୍ୱାରା ଉତ୍ପାଦନ କରାଯାଉଥିବା ପନିପରିବା ସମେତ ଟମାଟ ଭଳି ଜିନିଷକୁ ସଂରକ୍ଷିତ କରି ସେଥିରେ ଟମାଟ ସସ୍ ଓ ଜେଲି ଭଳି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଇ ପାରିବ । ଏହା ସହିତ ଜିଲ୍ଲାରେ ଅତ୍ୟଧିକ ମାତ୍ରାରେ ଉତ୍ପାଦିତ ପଣଷ ଯାହାକି ଗଛରୁ ପଡି ନଷ୍ଟ ହେଉଛି । ସେଥିରୁ ମଧ୍ୟ ଏହି ଫୁଡ୍ ପ୍ରୋସେସିଙ୍ଗ ୟୁନିଟରେ ସଂରକ୍ଷିତ କରାଯାଇ ସେଥିରୁ ବର୍ଷସାରାର ଖାଇବା ଭଳି ଜିନିଷ ଉତ୍ପାଦନ କରାଯାଇ ପାରିବ ଯାହାକି ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ କରାଯାଉଛି । ସେହିପରି ଆମ୍ବରୁ ଆଚାର,ଆମ୍ବସଢା ଓ ଆମ୍ବ ଜୁସ୍ ଭଳି ଜିନିଷ,ତେନ୍ତୁଳିକୁ ମଧ୍ୟ ପ୍ରୋସେସିଙ୍ଗ କରି ସେଥିରୁ ମଧ୍ୟ ବର୍ଷସାରା ବ୍ୟବହାର କରିବା ଭଳି ଜିନିଷ ସବୁ ଉତ୍ପାଦନ କରାଯାଇ ପାରିବ । ତଳେ ପଡି ନଷ୍ଟ ହେଉଥିବା ଜାମୁକୋଳି ସବୁକୁ ସଂଗ୍ରହ କରାଯାଇ ସେଥିରୁ ବିଭିନ୍ନ ଔଷଧୀୟ ଜିନିଷ ମଧ୍ୟ ଉତ୍ପାଦନ କରାଯାଇ ପାରିବ । କେବଳ ସେତିକି ନୁହେଁ ଜିଲ୍ଲାର ଗ୍ରାମାଂଚଳରେ ଏବଂ ଜଙ୍ଗଲରେ ଅନେକ ଜଙ୍ଗଲ ଜାତ ଜିନିଷ ରହିଛି ସେହି ଗୁଡିକୁ ସଂଗ୍ରହ କରାଯଇ ସେଥିରେ ମଧ୍ୟ ଲୋକଙ୍କୁ ରୋଜଗାର ଯୋଗାଇବାର ବାଟ ବାହାର କରାଯାଇ ପାରିବ । ଏହାସହିତ ଜିଲ୍ଲାର କିଛି ଲୋକ ଏହି ଦିଗରେ କର୍ମଯୋଗାଣ ପାଇପାରିବେ । ଜିଲ୍ଲାର ଗ୍ରାମାଂଚଳର ଲୋକେ ଏହି ନଷ୍ଟ ହେଉଥିବା ଜଙ୍ଗଲଜାତ ଜିନିଷ ଗୁଡିକୁ ସଂଗ୍ରହ କରି ବିକ୍ରି କରି ସେଥିରୁ ସେମାନେ ମଧ୍ୟ ଭଲ ଦୁଇ ପଇସା ରୋଜଗାର କରି ପାରିବେ । ଯାହା ଦ୍ୱାରା ପ୍ରକୃତିର ଏହି ଦାନର ସଠିକ୍ ବ୍ୟବହାର ହେବା ସହିତ ଜିଲ୍ଲାର ଲୋକଙ୍କୁ ଏହିସବୁ ଜିନିଷ ଜରିଆରେ ଭଲ ରୋଜଗାର ମଧ୍ୟ ହୋଇପାରିବ । କନ୍ଧମାଳ ଜିଲ୍ଲାରେ ପ୍ରକୃତି ଏତେଗୁଡିଏ ପ୍ରାକୃତିକ ଉତ୍ପାଦନ ଅଜାଡି ଦେଉଛି କିନ୍ତୁ ଏହିସବୁକୁ ରକ୍ଷଣାବେକ୍ଷଣ କରିବା ସହିତ ସେହିଗୁଡିକୁ ସଜାଡି ଲୋକଙ୍କ ପାଇଁ ବ୍ୟବହାର ଯୋଗ୍ୟ କରିବାକୁ କୌଣସି ଯୋଜନା ଆଜି ପର୍ଯ୍ୟନ୍ତ କୌଣସି ରାଜନେତା କିମ୍ବା ପ୍ରଶାସନିକ ଅଧିକାରୀ କୌଣସି ପ୍ରକାରର ଦୁରଦୃଷ୍ଟି ସମ୍ପର୍ଣ୍ଣ ଯୋଜନା ପ୍ରସ୍ତୁତ କରି ନାହାନ୍ତି ।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ ପାଳନ




ଭୁବନେଶ୍ୱର : ଆଜି ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ସାରା ରାଜ୍ୟର ବିଭିନ୍ନ ଜିଲ୍ଲାରେ ମହାନଜନନାୟକ, ଭାରତ ଅଖଣ୍ଡତାର ରକ୍ଷକ ସମ୍ମାନନୀୟ ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ ପାଳନ କରାଯାଇଥିଲା। ଏହି ଅବସରରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜ କଟକ ସ୍ଥିତ ଉର୍ମିଳା ନରସିଂ ହୋମରେ ମାଗଣା କୋଭିଡ ଟୀକା ପ୍ରଦାନ କରିଥିଲେ। ଏହି ନରସିଂ ହୋମକୁ ବହୁ ଲୋକ ଆସି ଟୀକା ଗ୍ରହଣ କରିଥିଲେ। ଏହା ପରେ ଡାକ୍ତରଖାନାରେ ରୋଗୀମାନଙ୍କୁ ଶୁଖିଲା ଖାଦ୍ୟ ଓ ଫଳ ବଂଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଟକ ଛାତ୍ର କଂଗ୍ରେସ ସଭାପତି ଦୀପକ ମହାଁ, ସାଗର ପଟ୍ଟନାୟକ, କାର୍ତିକ କାଣ୍ଡି, ସୁନିଲ କୁମାର ସାହୁ, ନିଆଜୁଲ ଇସ୍‌ଲାମ, ପ୍ରତ୍ୟୁଷ ପ୍ରଧାନ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଭାରଚ୍ୟୁଆଲ ମୋଡ଼ରେ ମୟୂରଭଞ୍ଜରେ ଦୁଇଟି ଅକ୍ସିଜେନ ପ୍ଲାଂଟ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ ନବୀନ

ବାରିପଦା: ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାସ୍ଥିତ ପିଆରଏମ ମେଡିକାଲ କଲେଜ ଓ ହାଡ଼ପିଟାଲରେ ରାଜ୍ୟ ସରକାର ପ୍ରତିଷ୍ଠା କଲେ ଦୁଇଟି ଅକ୍ସୀଜେନ ପ୍ଲାଂଟ। ୧୩ହଜାର ଲିଟର କ୍ଷମତା ବିଶିଷ୍ଟ ତରଳ ମେଡିକାଲ ଅକ୍ସୀଜେନ(ଏଲଏମଓ) ପ୍ଲାଂଟ ପିଆରଏମରେ ପ୍ରତିଷ୍ଠା ହେଲା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏଲଏମଓ ପ୍ଲାଂଟ ପ୍ରତିଷ୍ଠା ନେଇ ରାଜ୍ୟ ଅକ୍ସୀଜେନ ପରିଚାଳନା ଟାସ୍କଫୋର୍ସ ଗତ ମାସ ୨୫ରେ କରିଥିବା ସମୀକ୍ଷା ବୈଠକରେ ଏହି ନିଷ୍ପତି ନିଆଯାଇଥିଲା। ଉକ୍ତ ନିଷ୍ପତି ଅନୁସାରେ ଜୁନ ୧୮ ଜିଲ୍ଲାରେ ଦୁଇ ଅକ୍ସୀଜେନ ପ୍ଲାଂଟର ଭିତିପ୍ରସ୍ତର କାର୍ଯ୍ୟକ୍ରମ ଭାରଚ୍ୟୁଆଲ ମୋଡ଼ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେଇଛନ୍ତି।

# ଆଜି ପୁଣି ଉପରମୁହାଁ ହୋଇଛି କରୋନା ଗ୍ରାଫ: ୮୧ସଂକ୍ରମିତ ଚିହ୍ନଟ:୧୯୩୭ ଜଣଙ୍କର ଟେଷ୍ଟ

କେନ୍ଦୁଝର:ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା କମୁଥିବା ବେଳେ କେନ୍ଦୁଝରରେ ଆଜି ପୁଣି ଉପର ମୁହାଁ ହୋଇଛି କରୋନା ଗ୍ରାଫ । ଗତକାଲି ସଂକ୍ରମିତଙ୍କେ ସଂଖ୍ୟା ୬୮କୁ ଖସିଆସିଥିବା ବେଳେ ଆଜି ପୁଣି ୮୧ ରେ ପହଂଚିଅଛି । ସରକାର କରୋନା କଟକଣାକୁ ସାମାନ୍ୟ କୋହଳ କରିଦେବା ପରେ ବଜାର ଘାଟରେ କରୋନା କଟକଣା ଫୁ କରି ଅମାନିଆ ଭିଡ ଜମାଇଛନ୍ତି । ଏପରି କି ନିର୍ଦ୍ଦେଶକୁ ଅମାନ୍ୟ କରି ମଧ୍ୟ ଅନେକ ବ୍ୟବସାୟୀ ସେମାନଙ୍କର ଦୋକାନ ମଧ୍ୟ ଖୋଲି ଦେଇଛନ୍ତି । ଯେଉଁଥିପାଇଁ କରୋନା ସଂକ୍ରମିତଙ୍କ ସଂଖ୍ୟା ଆହୁରି ବଢିଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ପାରୁନାହିଁ । ଏପରିକି ଉପାନ୍ତ ଚମ୍ପୁଆ ଅଂଚଳରେ ଏଭିଳି ଅମାନିଆଙ୍କୁ ସଚେତନ କରିବାକୁ ଉଦ୍ୟମ କରି ସେହିମାନଙ୍କ ହାତରେ ମାଡ ଖାଇବାକୁ ପଡିଛି ସ୍ଥାନୀୟ ପୋଲିସକୁ । ଆଜି ଚିହ୍ନଟ ଙ୍କ ମଧ୍ୟରେ ହାଟଡିହି ବ୍ଲକ ଅଂଚଳରେ ୧୯ ଜଣ ଜଣ ରହିଥିବା ବେଳେ ଚମ୍ପୁଆ ବ୍ଲକ ଅଂଚଳରେ ୧୫ ଜଣ , ଘଷିପୁରା ବ୍ଲକ ଅଂଚଳରେ ୧୪ ଜଣ , ଆନନ୍ଦପୁର ମ୍ୟୁନିସପାଲଟି ଅଂଚଳରେ ୫ ଜଣ , ଯୋଡା ବ୍ଲକ , କେନ୍ଦୁଝର ସଦର ବ୍ଲକ ଓ ତେଲକୋଇ ବ୍ଲକ ଅଂଚଳରେ ୪ ଜଣ ଲେଖାଁଏ , ଆନନ୍ଦପୁର ବ୍ଲକ , ହରିଚନ୍ଦନପୁର ବ୍ଲକ ଓ ସାହାରପଡା ବ୍ଲକ ଅଂଚଳରେ ୩ ଜଣ ଲେଖାଁଏ , ଝୁମ୍ପୁରା ବ୍ଲକ ଓ କେନ୍ଦୁଝର ମ୍ୟୁନିସପାଲଟି ଅଂଚଳରେ ୨ ଜଣ ଲେଖାଁଏ , ବଡବିଲ ମ୍ୟୁନିସପାଲଟି , ଘଟଗାଁ ବ୍ଲକ ଓ ଯୋଡା ମ୍ୟୁନିସପାଲଟି ଅଂଚଳରେ ୧ ଜଣ ଲେଖାଁଏ ରହିଛନ୍ତି । ଅନ୍ୟ ପକ୍ଷରେ ଏହି ଚିହ୍ନଟଙ୍କ ମଧ୍ୟରେ ବାଇଲୋ , ବାଉଁଶଗଡ ଓ କୋଲିମାଟି ପଂଚାୟତ ଅଂଚଳରେ ୧ ଜଣେ ଲେଖାଁଏ , ଆନନ୍ଦପୁର ମ୍ୟୁନିସପାଲଟିର ୱାର୍ଡ ନଂ ୧୨ ରେ ୪ ଜଣ ଓ ୱାର୍ଡ ନଂ ୧୪ ରେ ୧ଜଣ , ବଡବିଲ ମ୍ୟୁନିସପାଲଟିର ୱାର୍ଡ ନଂ ୧୨ ରେ ୧ ଜଣ , ଚମ୍ପୁଆ ବ୍ଲକର ଭଣ୍ଡା ପଂଚାୟତ ଅଂଚଳରେ ୨ ଜଣ ଓ ଜାଲି ପଂଚାୟତ ଅଂଚଳରେ ୧୩ ଜଣ , ଘଷିପୁରା ବ୍ଲକର ବଳରାମପୁର , ବାତୋ , ଭଣ୍ଡାରିଡିହା , ବୀରଗୋବିନ୍ଦପୁର ଓ ରାମଚନ୍ଦ୍ରପୁର ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ସାଇଁକୂଳ ପଂଚାୟତ ଅଂଚଳରେ ୨ ଜଣ , ଗଡବାନ୍ଦଗୋଡା ପଂଚାୟତ ଅଂଚଳରେ ୩ ଜଣ , ପୁରୁଣାବାନ୍ଦଗୋଡା ପଂଚାୟତ ଅଂଚଳରେ ୪ ଜଣ , ଘଟଗାଁ ବ୍ଲକର ତୋରାଣୀପୋଖରୀ ପଂଚାୟତ ଅଂଚଳରେ ୧ ଜଣ , ହରିଚନ୍ଦନପୁର ବ୍ଲକର ଜିରାଙ୍ଗ ପଂଚାୟତ ଅଂଚଳରେ ୩ ଜଣ , ହାଟଡିହି ବ୍ଲକର ଆଇତିପୁର , ବଂଚୋ , ଇଂଚୋଳ , ଜମ୍ବିରା , ପଡାଡୋ ଶଶାଙ୍ଗ ଓ ସୁଳଣା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଅଂକୁର , ଆମ୍ପୋ , ଉଅଁର , କାଳିଗାଁ , ସଢା ଓ ଶାଳନୀୟା ପଂଚାୟତ ଅଂଚଳରେ ୨ ଜଣ ଲେଖାଁଏ , ଝୁମ୍ପୁରା ବ୍ଲକର ଖୁଟଂପଡା ଓ ଅସନପାଟ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ଯୋଡା ବ୍ଲକର ବଡକାଳୀମାଟି ଓ ସେରେଣ୍ଡା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ ଓ ପଳାସ ପଂଚାୟତ ଅଂଚଳରେ ୨ ଜଣ , ଯୋଡା ମ୍ୟୁନିସପାଲଟିର ୱାର୍ଡ ନଂ ୧ ରେ ୧ ଜଣ , କେନ୍ଦୁଝର ଗଡ ମ୍ୟୁନିସପାଲଟିର ୱାର୍ଡ ନଂ ୧ ଓ ୬ ରେ ୧ ଜଣ ଲେଖାଁଏ , କେନ୍ଦୁଝର ସଦର ବ୍ଲକର ମଇଦାନକେଲ , ମଣ୍ଡୁଆ , ନୂଆଗାଁ ଓ ରାଇକଳା ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ , ସାହାରପଡା ବ୍ଲକର ବାଇକଳା ପଂଚାୟତ ଅଂଚଳରେ ୧ ଜଣ ଓ ଉଦୟପୁର ପଂଚାୟତ ଅଂଚଳରେ ୨ ଜଣ , ତେଲକୋଇ ବ୍ଲକର ଛାମୁଣ୍ଡା ଓ ପଡାଙ୍ଗ ପଂଚାୟତ ଅଂଚଳରେ ୧ ଜଣ ଲେଖାଁଏ ଓ ତେଲକୋଇ ବ୍ଲକର ତେଲକୋଇ ପଂଚାୟତ ଅଂଚଳରେ ୨ ଜଣ ରହିଛନ୍ତି । ଫଳରେ ଜିଲ୍ଲାରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୮ ହଜାର ୧୯୨ କୁ ବୃଦ୍ଧି ପାଇଥିବା ବେଳେ ଇତି ମଧ୍ୟରେ ୧୭ ହଜାର ୪୯୨ ସୁସ୍ଥ ହୋଇଛନ୍ତି । ଜିଲ୍ଲାରେ ଏବେ ଆକ୍ଟିଭ କେଶ ୬୩୪ ରହିଥିବା ବେଳେ ଗତ ୨୪ ଘଂଟା ମଧ୍ୟରେ ୧୯୩୭ ଜଣଙ୍କର କୋଭିଡ ଟେଷ୍ଟ ହୋଇସାରିଛି ।



କସମପଲ୍ଲୀ ରାସ୍ତା କଡରେ ଡ୍ରେନ୍ ତିଆରି ପାଇଁ ବିଏମ୍‌ସି ତରଫରୁ ବୁଲଡୋଜର ସାହାଯ୍ୟରେ ଏକ ଭିନ୍ନକ୍ଷମ ବ୍ୟକ୍ତି ଶ୍ରୀ ପ୍ରଭାକର ରଣସିଂହଙ୍କ ଦ୍ୱାରା ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ଭଙ୍ଗାଯାଉଛି ।









ଜୀବନ ବିନ୍ଦୁ ଆନୁକୂଲ୍ୟରେ ବିଜୁ ଯୁବ ଜନତା ଦଳ ତରଫରୁ ରକ୍ତଦାନ ଶିବିର ଆୟୋଜନ

## ଯାଜପୁର ଜିଲ୍ଲାରେ ସବଇନ୍ସପେକ୍ଟର ସ୍ତରରେ ପୁଣି ଅଦଳବଦଳ

କୋରେଇ: ଯାଜପୁର ଜିଲ୍ଲା ପୁଲିସର ସବଇନ୍ସପେକ୍ଟର ସ୍ତରରେ ଦ୍ୱିତୀୟ ପାଳିରେ ପୁଣି ଅଦଳବଦଳ ହୋଇଛି । ୧୨ ଜଣ ସବଇନ୍ସପେକ୍ଟରଙ୍କୁ ଜିଲ୍ଲା ବିଭିନ୍ନ ଥାନାରୁ ଅନ୍ୟ ଥାନାକୁ ବଦଳି କରାଯାଇଛି । ଏସପି ରାହୁଲ ପିଆର ଗୁରୁବାର ରାତ୍ରୀରେ ଏନେଇ ଲିଖିତ ସୂଚନା ଦେଇଛନ୍ତି । ସୂଚନା ମୁତାବକ, ବିଂଝାରପୁର ଥାନାର ସବଇନ୍ସପେକ୍ଟର ଭାଗଶ୍ରୀ ବେହେରାଙ୍କୁ ଯାଜପୁରରୋଡ ଥାନା, ଯାଜପୁରରୋଡ ଥାନାର ମିନତୀ ବେହେରାଙ୍କୁ ଯାଜପୁର ଥାନା, ମଙ୍ଗଳପୁର ଥାନାର କବିତା ନାୟକଙ୍କୁ ଯାଜପୁର ସଦର ଥାନା, କୋରାଇ ଥାନାର କଳ୍ପଲତା ପ୍ରଧାନଙ୍କୁ ମଙ୍ଗଳପୁର ଥାନା, ବାଲିଚନ୍ଦ୍ରପୁର ଥାନାର ରାଧିକା ବାଉଣ୍ଡାଙ୍କୁ କୋରାଇ ଥାନା, ଯାଜପୁର ଥାନାର ରୋଜାଲିନ ଜେନାଙ୍କୁ କୁଆଖିଆ ଥାନା, କୁଆଖିଆ ଥାନାର ଅନିତା ପ୍ରଧାନଙ୍କୁ ବିଂଝାରପୁର ଥାନା, ବାଲିଚନ୍ଦ୍ରପୁର ଥାନାର ସୁରେନ୍ଦ୍ର ରଥଙ୍କୁ କୁଆଖିଆ ଥାନାକୁ ବଦଳି କରାଯାଇଛି । ସେହିପରି ପ୍ରଥମ ଦଫାରେ ବଦଳି ହୋଇଥିବା ୪ ଜଣ ସବଇନ୍ସପେକ୍ଟରଙ୍କର ପୁନଃ ବଦଳି କରାଯାଇଛି । କୁଆଖିଆ ଥାନାର ରାଜକିଶୋର ଦାସଙ୍କୁ ବାଲିଚନ୍ଦ୍ରପୁର ଥାନା, ଜେନାପୁର ଥାନାର ଫିରୋଜ ଏକ୍କାଙ୍କୁ ଯାଜପୁର ସଦର ଥାନା, ଯାଜପୁର କୋର୍ଟର ଘନଶ୍ୟାମ ହେସାଙ୍କୁ ଝୁମ୍ପୁରୀ ବିଟ୍ ହାଉସ, ବୈରୀ ଥାନାର ବିଶ୍ୱନାଥ ବିଶ୍ୱାଳଙ୍କୁ ଜଖପୁରା ଥାନାକୁ ବଦଳି କରାଯାଇଛି ।

## ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ଉପଲକ୍ଷେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାସନ ସାମଗ୍ରୀ ବଂଟନ ଓ ସେବା ଦିବସ ରୂପେ ପାଳନ

ଭୁବନେଶ୍ୱର : ଆଜି ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ଉପଲକ୍ଷେ ସମଗ୍ର ଦେଶରେ ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ବି.ଭି. ଶ୍ରୀନିବାସଙ୍କ ନେତୃତ୍ୱରେ ସେବାର ଦିବସ ରୂପେ ପାଳନ କରାଯାଇଛି । ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲା ଓ ବିଧାନସଭା ସ୍ତରରେ ରାସନ ସାମଗ୍ରୀ ବଂଟନ, ମେଡିକାଲରେ ଫଳ ବଂଟନ, ରନ୍ଧା ଖାଦ୍ୟ ବଂଟନ ଓ ରକ୍ତଦାନ ଶିବିର ଆୟୋଜନ କରାଯାଇଛି । ଏହି ପ୍ରରିପ୍ରେକ୍ଷୀରେ ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନରେ ସଭାପତି ଡ. ସ୍ମୃତିରନ ଲେଙ୍କାଙ୍କ ନେତୃତ୍ୱରେ ଗରିବ ଅସହାୟ ପରିବାର ମାନଙ୍କୁ ଏକ ମାସର ରାସନ ସାମଗ୍ରୀ ବଂଟନ କରାଯାଇଛି । ଆଜି ପାଖାପାଖି ୫୦୦ ପ୍ୟାକେଟ ଯୁବ କଂଗ୍ରେସ ପକ୍ଷରୁ ଭୁବନେଶ୍ୱରରେ ବଂଟନ କରାଯାଇଛି । ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶକ୍ରମେ ଅଖିଳ ଭାରତୀୟ ଯୁବ କଂଗ୍ରେସ ଏବଂ ପ୍ରଦେଶ ଯୁବ କଂଗ୍ରେସ କରୋନା ମହାମାରୀ ସମୟରେ ରୋଗୀମାନଙ୍କୁ ବେଡ, ପ୍ଲାଜମା, ରକ୍ତ, ଭେଂଟିଲେଟର ଇତ୍ୟାଦି ସାହାଯ୍ୟ କରିଆସୁଅଛି । ଆଜିର ଏହି ସମୟ ଆହ୍ୱାନର ସମୟ ତେଣୁ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଯୁବ କଂଗ୍ରେସ ସାରା ଭାରତବର୍ଷରେ ଲୋକମାନଙ୍କୁ ସାହାଯ୍ୟ କରିଆସୁଅଛି । ଆଜିର ଦିବସ କଂଗ୍ରେସ ପାଇଁ ସେବାର ଦିବସ । ତେଣୁ ସାରା ଭାରତରେ ଯୁବ କଂଗ୍ରେସ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାର ସହିତ ସେବା କାର୍ଯ୍ୟ କରୁଅଛି । ଆଜିର ଏହି କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ରିତ ପାତ୍ର, ସ୍ୱାଗତ କର, ସଂକୁନା କହଁର, କୃଷ୍ଣଚନ୍ଦ୍ର ମହାନ୍ତି, ବିଶ୍ୱରନ ଦାସ, ନଳିନୀକାନ୍ତ ନାୟକ, ବିରେନ ଦଳାଇ, ଶିବଦତ ମହାନ୍ତି, ଲିଙ୍ଗରାଜ ସାହୁ, ଆଶୁତୋଷ ଲେଙ୍କା, ଆଲୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ମସୁଦପୁର ବାଲି ଘାଟରେ ଜିଲ୍ଲାପାଳ ଓ ଗ୍ରୀନ୍ ଟ୍ରିବ୍ୟୁନାଲର ମିଳିତ ତଦନ୍ତ

କୋରେଇ : ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଂଚାୟତର ଖରସ୍ରୋତା ନଦୀର ମସୁଦପୁର ଓ ସାହାପୁର ମୌଜାରୁ ବେଆଇନ ଭାବେ ବାଲି ଉତୋଳନ କରି କୋଟି କୋଟି ଟଙ୍କାର ରାଜସ୍ୱ ହଡପର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ଅଭିଯୋଗ କରାଯାଇଥିଲା । ପ୍ରକାଶ ଯେ, ଗତ ୨୦୨୦ ମସିହାରେ ମସୁଦପୁର ଓ ସାହାପୁର ମୌଜାରୁ ବେଆଇନଭାବେ ବାଲି ଉତୋଳନ କରାଯାଇ ରାଜପଥ କାମ କରୁଥିବା ଦିଲ୍ଲୀପ ବିଲ୍ଡକନ କମ୍ପାନୀର ଷ୍ଟକ ୟାର୍ଡରେ ଗଚ୍ଛିତ ରଖାଯିବା ସହ ବିଭିନ୍ନ ସ୍ଥାନ ଓ ଭଦ୍ରକ ଜିଲ୍ଲାକୁ ବାଲି ଚୋରା ଚାଲାଣ କରାଯାଉଥିଲା । ଲକ୍ଷ୍ମୀଧର ମହାନ୍ତି ନାମକ ଜନୈକ ବ୍ୟକ୍ତି ମିଛ ଠିକଣା ଦେଇ ଲିଫ୍ଟିଙ୍ଗ କରିବାର ଦାୟିତ୍ୱ ନେଇଥିଲେ । ବେଆଇନ ବାଲି ଉତୋଳନ ଯୋଗୁ ନଦୀର ଗତିପଥ ବଦଳିବା, ଖରସ୍ରୋତା ବ୍ରିଜ ପ୍ରତି ବିପଦ, ସ୍ଥାନୀୟ ଅଂଚଳ ଯଥା ହାଟ, ସ୍କୁଲ ଓ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏହାର ପ୍ରଭାବ ଏବଂ କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍ ନେଇ ମସୁଦପୁର ଗ୍ରାମର ପିନାକ ରଂଜନ ଦାସ ଓ ଗ୍ରାମବାସୀ ମାନେ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିଲା । ପରବର୍ତି ଅବସ୍ଥା ଶ୍ରୀ ଦାସ ବାଧ ହୋଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ । ଗ୍ରୀନ ଟ୍ରିବ୍ୟୁନାଲର ତଦନ୍ତ ପରେ ଲକ୍ଷ୍ମୀଧର ମହାନ୍ତିଙ୍କ ଉପରେ ୨୦ ହଜାର ଜରିମାନା ଓ ବ୍ୟାସନଗର ତହସିଲ ପକ୍ଷରୁ ଗଚ୍ଛିତ ବାଲିକୁ ଆକଳନ କରାଯାଇ ୧ ଲକ୍ଷ ୮୮ ହଜାର ୨ ଶହ ୩୭ ଟଙ୍କା ଜୋରିମାନା କରାଯାଇଥିଲା । ମାତ୍ର ଏହି ଫାଇନ୍ ମିଳିଭଗତରେ କରାଯିବା ଓ ତଦନ୍ତ ସମୟରେ ଶ୍ରୀ ଦାସଙ୍କୁ ଡକାନଯିବା ଓ ବହୁ ଅଧିକ ପରିମାଣରେ ରାଜସ୍ୱ ହାନୀ ହେବା ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ନିକଟରେ ପୁନଃ ଅଭିଯୋଗ ହୋଇଥିଲା ।

## ଭଦ୍ରକ ଜିଲ୍ଲାରେ ନୂଆ ୧୫୮ କରୋନା ପଜିଟିଭ୍ ଚିହ୍ନଟ

ଭଦ୍ରକ: ଭଦ୍ରକ ଜିଲ୍ଲାରେ ଗତ ୨୪ ଘଂଟା ମଧ୍ୟରେ ନୂଆ ୧୫୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ରିପୋର୍ଟ ପଜିଟିଭ୍ ଆସିବା ପରେ ଆକ୍ରାନ୍ତ ମାନଙ୍କୁ କୋଭିଡ୍ ହସ୍ପିଟାଲ ଓ ହୋମ୍ ଆଇସୋଲେସନ ରଖାଯାଇ ଚିକିତ୍ସା କରାଯାଉଛି । ଏହାକୁ ମିଶାଇ ଜିଲ୍ଲାରେ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୦,୬୧୩ କୁ ବୃଦ୍ଧି ପାଇଛି । ନୂଆ ଚିହ୍ନଟ ଏହି ଆକ୍ରାନ୍ତ ମାନଙ୍କ ମଧ୍ୟରେ ଅନ୍ୟ ଜିଲ୍ଲାରୁ ୩ ଜଣ ଓ ଭଦ୍ରକ ଜିଲ୍ଲାରୁ ଜିଲ୍ଲା ବାହାରର ୮ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ଗତ ୨୪ ଘଂଟା ମଧ୍ୟରେ ଜିଲ୍ଲାରେ ସକ୍ରିୟ ରୋଗୀ ସଂଖ୍ୟା ୨୦୬୯ ରହିଛି । ଗତକାଲି ୩୬୬ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଗତକାଲି ସୁଦ୍ଧା ଜିଲ୍ଲାରେ ମୋଟ୍ ୪ ଲକ୍ଷ ୩୭ ହଜାର ୫୩୭ ଜଣଙ୍କ ନମୂନା ପରୀକ୍ଷା ପରେ ମୋଟ୍ ୨୦,୪୫୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସୁସ୍ଥ ହୋଇଛନ୍ତି ମୋଟ୍ ୧୮ ହଜାର ୧୨୨ । ଏବେ ଆଉ ୨୨୯୨ ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ନେଇ ସୂଚନା ମିଳିଛି । କରୋନାର ଦ୍ୱିତୀୟ ଲହରରେ ଅଦ୍ୟାବଧି ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ୪୧ ରହିଛି ।

## ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଦିବ୍ୟାଙ୍ଗ କେନ୍ଦ୍ରରେ ରାହୁଲ ଗାନ୍ଧୀଙ୍କ ଜନ୍ମଦିନ ପାଳିତ

ଯାଜପୁର : ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଏ.ଆଇ.ସିସିର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ ଯାଜପୁର ବିଧାନସଭା କଂଗ୍ରେସ ପାର୍ଥୀ ସନ୍ତୋଷ କୁମାର ନନ୍ଦଙ୍କ ନେତୃତ୍ୱରେ ଗୋଖନାଛକ ସ୍ଥିତ ୱେଲଫେୟାର ଅଫ୍ ଦି ବ୍ଲାଇଣ୍ଡ ଅର୍ଗାନାଇଜେସନ ଠାରେ ପାଳନ କରାଯାଇଥିଲା । ସମଗ୍ର ଭାରତ ବର୍ଷରେ ଦୀର୍ଘ ୨ ବର୍ଷ ଧରି କୋଭିଡ୍-୧୯ର ପ୍ରଭାବରେ ଭାରତୀୟମାନେ ଯନ୍ତ୍ରଣାରେ ଜର୍ଜରିତ ହେଉଥିବାବେଳେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ହେବା ସହ ବହୁ ଶିଶୁ ଅନାଥ ହୋଇ ଯାଇଛନ୍ତି । ଏହି ଦୁଃଖଦ ପରିସ୍ଥିତିରେ ରାହୁଲ ଗାନ୍ଧୀଙ୍କର ଜନ୍ମଦିନକୁ ଆଡମ୍ବର ପୂର୍ଣ୍ଣଭାବରେ ପାଳନ ନକରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିବାରୁ ସେହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଦୃଷ୍ଟି ବାଧିତ, ଦିବ୍ୟାଙ୍ଗ ମାନଙ୍କ ଗହଣରେ ନିରାଡମ୍ବର ଭାବରେ ଏହି ଦିବସକୁ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ଉପଲକ୍ଷେ ବିଞ୍ଝାରପୁର କଂଗ୍ରେସ ପ୍ରାର୍ଥୀ ମନୋରଂଜନ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ବେହେରା,



ଦଳିତ କଂଗ୍ରେସ ସେଲ୍ ସଭାପତି ଦୁର୍ଯ୍ୟୋଧନ ବେହେରା, ବରିଷ୍ଠ କଂଗ୍ରେସ ନେତା ପ୍ରଫେସର ପୂର୍ଣ୍ଣ ଚନ୍ଦ୍ର ଜେନା, ଆଡଭୋକେଟ୍ ଅବଦୁଲ ସଲିମ, କୃଷକ କଂଗ୍ରେସ ସେଲ୍ ସଂଯୋଜକ ବିଦ୍ୟାଧର ବାରିକ, ପୂର୍ବତନ ସରପଞ୍ଚ ଜଗବଂଧୁ ଜେନା, ସାମ୍ବାଦିକ ନକୁଳଦେବ ସାହୁ, ପୂର୍ବତନ ଜୋନ ସଭାପତି ମାନସ ରଂଜନ ପଣ୍ଡା, ରଘୁନାଥ ସାହୁ, ନୃସିଂହ ଚରଣ ସାହୁ, ସନ୍ତୋଷ କୁମାର ରାଉତ, ଯାଜପୁର ବ୍ଲକ ସଭାପତି ଗଦାଧର ଦାସ, ନଗର କଂଗ୍ରେସ ସଭାପତି ନାରାୟଣ ସାମନ୍ତ, ବିଜୟ ମହାପାତ୍ର, ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇଥିଲେ । ଦିବ୍ୟାଙ୍ଗ ସଂସ୍ଥାର ସଭାପତି ହେମନ୍ତ କୁମା ସାହୁ ସଂପାଦକ ରାକେଶ କୁମାର ଜେନା ଅନ୍ତେବାସୀ ଦଶରଥ ବେହେରା, ଚନ୍ଦନ ସାହୁ, ଶଶୀକାନ୍ତ ମହାଳିକ, ଲିପିନା ସାହୁ, ପପି ଜେନା, ମାତନ ଜେନା, କୋଇଲି ସାହୁ, ସୁଷମା ଘଡେଇ, ଯଯାତି ସେଠୀ, ବାଇନ ନାୟକ, ଶରତ କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା କଂଗ୍ରେସ ପକ୍ଷରୁ ମାସ୍କ ସାନିଟାଇଜର, ସାବୁନ, ପେଷ୍ଟ, ବ୍ରସ, ବିସ୍କୁଟ, ରାସନ ଦିବ୍ୟାଙ୍ଗ ମାନଙ୍କୁ ବଣ୍ଟନ କରାଯାଇଥିଲା । ଶେଷରେ ଜିଲ୍ଲା କଂଗ୍ରେସ ସଧାରଣ ସଂପାଦକ ହୃଷୀକେଶ ପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ରାହୁଲ ଗାନ୍ଧୀଙ୍କୁ ଦୀର୍ଘ ଜୀବନ କାମନା କରାଯାଇ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ।

## ଆଇଡିଏଫ୍ସି ଫର୍ଷ୍ଟ ବ୍ୟାଙ୍କ ପକ୍ଷରୁ ଗ୍ରାହକ କୋଭିଡ୍ ରିଲିଫ୍ କାର୍ଯ୍ୟକ୍ରମ ତଥା କର୍ମଚାରୀ କୋଭିଡ୍ କେୟାର୍ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର : ଆଇଡିଏଫ୍ସି ଫର୍ଷ୍ଟ ବ୍ୟାଙ୍କ ଏହାର ସ୍ୱଳ୍ପ ଆୟ କରୁଥିବା ସେହି ଗ୍ରାହକଙ୍କ ପାଇଁ କର୍ମଚାରୀମାନଙ୍କ ଦ୍ୱାରା ଅନୁଦାନ ପ୍ରାପ୍ତ ''ଘର ଘର ରାସନ'' କାର୍ଯ୍ୟକ୍ରମ ଆରମ୍ଭ କରିଛି ଯେଉଁମାନଙ୍କର ଜୀବିକା କୋଭିଡ୍-୧୯ ଦ୍ୱାରା ପ୍ରଭାବିତ ହୋଇଛି । କୋଭିଡ୍-୧୯ କାରଣରୁ ଦୁର୍ଭାଗ୍ୟବଶତଃ ପ୍ରାଣ ହରାଇଥିବା କର୍ମଚାରୀଙ୍କ ପରିବାର ପାଇଁ ବ୍ୟାଙ୍କ ଏକ ବ୍ୟାପକ କାର୍ଯ୍ୟକ୍ରମ ଘୋଷଣା କରିବା ସହ ଭୂତାଣୁ ବ୍ୟାପିବାକୁ ନିୟନ୍ତ୍ରଣ କରିବା ପାଇଁ ଅନେକ ସାମାଜିକ କାର୍ଯ୍ୟକ୍ରମ ମଧ୍ୟ ଆରମ୍ଭ କରିଛି । ''ଘର ଘର ରାସନ'' ହେଉଛି ଏକ ନିଆରା କାର୍ଯ୍ୟକ୍ରମ ଯେଉଁଠାରେ କର୍ମଚାରୀମାନେ ସେମାନଙ୍କର ବ୍ୟକ୍ତିଗତ ଆୟରୁ ଗ୍ରାହକ କୋଭିଡ୍ କେୟାର ଫଣ୍ଡ ସ୍ଥାପନ କରି ୫୦,୦୦୦ କୋଭିଡ୍ ପ୍ରଭାବିତ ସ୍ୱଳ୍ପ ଆୟକାରୀ ଆଇଡିଏଫ୍ସି ଫର୍ଷ୍ଟ ବ୍ୟାଙ୍କ ଗ୍ରାହକଙ୍କୁ ରିଲିଫ ଯୋଗାଇବାରେ ସହଯୋଗ କରିଛନ୍ତି । ବ୍ୟାଙ୍କର କର୍ମଚାରୀମାନେ ଏହି ଉଦ୍ଦେଶ୍ୟରେ ଗୋଟିଏ ଦିନ ଆରମ୍ଭ କରି ଗୋଟିଏ ମାସ ପର୍ଯ୍ୟନ୍ତ ବେତନର ଅନୁଦାନ ଦେଇଛନ୍ତି । ଗ୍ରାମାଂଚଳରେ, ରାସନ କିଟ୍ ଗୁଡ଼ିକ କର୍ମଚାରୀମାନେ ଘରକୁ ନେଇ ବିତରଣ କରୁଛନ୍ତି ଏବଂ ସହରାଂଚଳରେ କର୍ମଚାରୀମାନେ ପ୍ରଭାବିତ ଗ୍ରାହକଙ୍କୁ ୧୮୦୦ ଟଙ୍କା ମୂଲ୍ୟର ପ୍ରି-ପେଡ୍ କାର୍ଡ ପ୍ରଦାନ କରୁଛନ୍ତି, ଯାହାକି ସେମାନେ ଏହିପରି ଅତ୍ୟାବଶ୍ୟକ ସାମଗ୍ରୀ କିଣିବାରେ ବ୍ୟବହାର କରିପାରିବେ । ଏପରିକି ଋଣ ପରିଶୋଧରେ ବିଳମ୍ବ କରିଥିବା ଗ୍ରାହକମାନେ ଏହି କାର୍ଯ୍ୟକ୍ରମ ଅଧୀନରେ ଲାଭ ପାଇବାକୁ ଯୋଗ୍ୟ ଅଟନ୍ତି । ଏହି କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀମାନେ ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ଗୁଜୁରାଟ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ହରିୟାଣା, କେରଳ ଏବଂ ଛତିଶଗଡରେ ୧୫୦୦୦ ରାସନ କିଟ୍ ବଂଟନ କରିସା ରିଛନ୍ତି । ଆଇଡିଏଫ୍ସି ଫର୍ଷ୍ଟ ବ୍ୟାଙ୍କର ଏମ୍ଡି ଏବଂ ସିଇଓ ଶ୍ରୀ ଭି ବୈଦ୍ୟନାଥନ୍ କହିଛନ୍ତି, ''ଆମେ ସଙ୍କଟର ମାତ୍ରାକୁ ଦୃଷ୍ଟିରେ ରଖି ସମସ୍ତ ସମସ୍ୟାର ସମାଧାନ କରିପାରିବୁ ନାହିଁ ସତ, କିନ୍ତୁ ଆମେ ଆମର ଗ୍ରାହକଙ୍କୁ ଯଥାସମ୍ଭବ ସମର୍ଥନ କରିବାକୁ ଚାହୁଁଛୁ ଏବଂ ତେଣୁ ଆମେ ''ଘର ଘର ରାସନ'' କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ଏହି କାର୍ଯ୍ୟକ୍ରମ ଅଧୀନରେ, ଆମର କର୍ମଚାରୀମାନେ ଏକ କୋଭିଡ୍ କଷ୍ଟମର୍ କେୟାର୍ ଫଣ୍ଡ୍ ସୃଷ୍ଟି କରିବା ପାଇଁ ଗୋଟିଏ ଦିନର ଦରମା ଠାରୁ ଆରମ୍ଭ କରି ଏକ ମାସର ବେତନ ପର୍ଯ୍ୟନ୍ତ ବିଭିନ୍ନ ପରିମାଣର ରାଶିର ସହଯୋଗ କରିଥିଲେ । ଏମ୍ପ୍ଲଇ କୋଭିଡ୍ କେୟାର ସ୍କିମ୍ ୨୦୨୧: ମହାମାରୀ ଆରମ୍ଭରୁ ହିଁ କୋଭିଡ୍-୧୯ କାରଣରୁ ପ୍ରାଣ ହରାଇଥିବା କର୍ମଚାରୀଙ୍କ ପରିବାରକୁ ସହାୟତା କରିବା ପାଇଁ ବ୍ୟାଙ୍କ ଏକ ବ୍ୟାପକ ଏମ୍ପ୍ଲଇ କୋଭିଡ୍ କେୟାର ସ୍କିମ୍ ୨୦୨୧ ମଧ୍ୟ ଆରମ୍ଭ କରିଛି । ଏହି ଯୋଜନାରେ ମୋଟ ଫିକ୍ସଡ୍ ପେ ର ୪ ଗୁଣ ଗ୍ରୁପ୍ ଟର୍ମ ଲାଇଫ୍ ବା ୩୦ ଲକ୍ଷ ଟଙ୍କା, ଯେଉଁ ପରିମାଣ ଅଧିକ ୨ ବର୍ଷ ପାଇଁ ନୋମିନିଙ୍କୁ ଦରମା ପ୍ରଦାନ କରାଯିବ । ଜୁନ୍ ୩୦, ୨୦୨୧ ପର୍ଯ୍ୟନ୍ତ କାର୍ଯ୍ୟଗୁଡ଼ିକ ପାଇଁ କର୍ମଚାରୀମାନଙ୍କ ଦ୍ୱାରା କରାଯାଇଥିବା ସମସ୍ତ କର୍ମଚାରୀ ଋଣ ଛାଡ଼ କରାଯିବ । ଜୁନ୍ ୩୦, ୨୦୨୧ ପୂର୍ବରୁ ଯେକୌଣସି ପ୍ରକାର ମୃତାହତମାନଙ୍କ ପାଇଁ ଋଣ ଛାଡ ସୀମା ୨୫ ଲକ୍ଷ ଧାର୍ଯ୍ୟ କରାଯାଇଛି । ଏହି ତାରିଖ ପରେ, କର୍ମଚାରୀମାନେ ସେମାନଙ୍କ ଋଣର ବୀମା କରିବା ପାଇଁ ଆଶା କରାଯାଉଛି । କର୍ମଚାରୀଙ୍କ ପରିବାରର ମେଡିକ୍ଲେମ୍ ବୀମା ସମୟସୀମା ୨୪ ମାସ ପାଇଁ ବଢ଼ାଇ ଦିଆଯାଇଛି । ସ୍ନାତକ ପର୍ଯ୍ୟନ୍ତ ୨ ଜଣ ସନ୍ତାନଙ୍କୁ ମାସିକ ୧୦,୦୦୦ ପର୍ଯ୍ୟନ୍ତ ଛାତ୍ରବୃତି ପ୍ରଦାନ କରାଯିବ । ଯୋଗ୍ୟତା ଉପରେ ନିର୍ଭର କରି ଜୀବନସାଥୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ । ରୋଜଗାରର ସୁଯୋଗ ପାଇ ନାହାଁନ୍ତି କିମ୍ବା ଯୋଗ୍ୟ ନୁହଁନ୍ତି ସେମାନଙ୍କୁ ଦକ୍ଷତା ତାଲିମ ଉଦ୍ଦେଶ୍ୟରେ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ । ଅନ୍ତିମ ସଂସ୍କାର ପାଇଁ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ସ୍ଥାନାନ୍ତର ପାଇଁ ପରିବାରକୁ ୫୦,୦୦୦ ଟଙ୍କାର ସହାୟତା ଏହି ବର୍ଷର ସେବା ପାଇଁ ପ୍ରୋ-ରେଟା ବୋନସ୍ ପେଆଉଟ୍ । ପ୍ରଭାବିତ ପରିବାର ପାଇଁ ବ୍ୟକ୍ତିଗତ ଆର୍ଥିକ ପରାମର୍ଶ । ଯଦି କର୍ମାଚାରୀଙ୍କ ପରିବାରର କେହି ସଂକ୍ରମିତ ହୁଅନ୍ତି ତେବେ ଅପ୍ରତ୍ୟାଶିତ ଖର୍ଚ୍ଚ ପୂରଣ ବାବଦକୁ ୨୪ ମାସ ପାଇଁ ୦% ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଗୁଆ ଦରମା । https://www.linkedin.com/posts/idfcfirstbank_idfc-first employee-covid-care-scheme-2021-activity-6801451169748144128-FIuG

ଏଥିସହ ବ୍ୟାଙ୍କ ଏହାର କର୍ମଚାରୀମାନଙ୍କ ପାଇଁ କୋଭିଡ୍-୧୯ ଟୀକାକରଣର ବ୍ୟବସ୍ଥା କରୁଛି ଏବଂ ଅନ୍ୟ ସ୍ଥାନରୁ ଟୀକା ଗ୍ରହଣ କରିଥିଲେ ଏହାର ମୂଲ୍ୟ ମଧ୍ୟ ଫେରସ୍ତ କରାଯିବାର ବ୍ୟବସ୍ଥା ରହିଛି । କେରଳ, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଗୁଜୁରାଟ, ମଧ୍ୟପ୍ରଦେଶ, ଛତିଶଗଡ, ଓଡ଼ିଶା, ହରିୟାଣା ଏବଂ ରାଜସ୍ଥାନରେ ନଅଟି ବିଭିନ୍ନ ଭାଷାରେ ଏସ୍‌ଏମ୍‌ଏସ୍ ଲିଙ୍କ୍ ମାଧ୍ୟମରେ ଆନିମେଟେଡ୍ ଚଳଚ୍ଚିତ୍ର ବିତରଣ କରୁଛି । କୋଭିଡ୍-୧୯ ଟୀକାକରଣ ବିଷୟରେ ସଚେତନତା ଉପରେ ଚଳଚ୍ଚିତ୍ର ଦେଖିବା ପାଇଁ ଏଠାରେ କ୍ଲିକ୍ କରନ୍ତୁ: ଷତ୍ସତ୍ସକ୍ସ୍ପଃ//ଇକ୍ଟଙ୍କତ୍ସଙ୍କ.ଭରା/ ଢଙ୍ଗଗ୬ଭଙ୍ଘଭଷଚଜମ । ଅକ୍ସିଜେନ୍ କନସେଟେର୍ ଅନୁଦାନ କାର୍ଯ୍ୟକ୍ରମ: ଗ୍ରାମୀଣ ଡାକ୍ତରଖାନାଗୁଡ଼ିକରେ ଅକ୍ସିଜେନ୍ କନସେଟେର୍ର ଅଭାବକୁ ପୂରଣ କରିବା ପାଇଁ ବ୍ୟାଙ୍କ ୪୨ ଟି ଗ୍ରାମୀଣ ଶାଖାର ଡାକ୍ତରଖାନାର ଅକ୍ସିଜେନ୍ କନସେଟେର୍ର ବ୍ୟବସ୍ଥା କରିଛି । ଗାଁ ଗାଁରେ ମାସ୍କ କାର୍ଯ୍ୟକ୍ରମ: ମଧ୍ୟପ୍ରଦେଶର ଗ୍ରାମାଂଚଳରେ ବ୍ୟାଙ୍କର ଫ୍ଲାଗସିପ୍ ଶ୍ୱେତଧାରା କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗ୍ରାମୀଣ ଦଳ ୧,୦୦,୦୦୦ ମାସ୍କ ସିଲେଇ କରିବାର ନେତୃତ୍ୱ ନେଉଥିବା ୬୪ ଜଣ ଗ୍ରାମ ସଖୀ (ଗ୍ରାମୀଣ ସ୍ତରର ମହିଳା ଉଦ୍ୟୋଗୀ) କୁ ସକ୍ଷମ କରୁଛି । ମାସ୍କ ବଂଟନ କାର୍ଯ୍ୟକ୍ରମ: ଏଥିସହ ବ୍ୟାଙ୍କ କୋଭିଡ୍-୧୯ ଭୂତାଣୁ ବ୍ୟାପିବାକୁ ରୋକିବା ପାଇଁ ୧୧ ଟି ରାଜ୍ୟର ଗ୍ରାମାଂଚଳ ଏବଂ ସହରାଂଚଳରେ ୪ ଲକ୍ଷରୁ ଅଧିକ ମାସ୍କ ବଂଟନ କରୁଛି । ନଗଦ ରିଲିଫ୍ ସହାୟତା: ବ୍ୟାଙ୍କ ୨୫୦ ଅସହାୟ ପରିବାରକୁ ସହାୟତା କରୁଛି, ଯେଉଁମାନେ ସେମାନଙ୍କ ପରିବାରର ରୋଜଗାରକ୍ଷମ ସଦସ୍ୟଙ୍କୁ କୋଭିଡ୍-୧୯ ରେ ହରାଇଛନ୍ତି, ଯେଉଁଥିରେ ଗିଭ୍ ଇଣ୍ଡିଆ ସହଭାଗିତାରେ ନଗଦ ୧୦,୦୦୦ ଟଙ୍କା ସହାୟତା ଅନ୍ତର୍ଭୁକ୍ତ ।


# ADMISSION OPEN

## MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities



## MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray